ଜାଲନ୍ଧରର ଏକ ଭଦ୍ର ବଂଶ ଜାତ ନିଷ୍ଠାବାନ ବ୍ରାହ୍ମଣଙ୍କର ଏକ ଜ୍ୟେଷ୍ଠ ପୁତ୍ର ବିଲାତ ଯାଇ ଶିକ୍ଷା ସମାପ୍ତ କରି ବୈଦିକ ପ୍ରଥା ମତେ ସରକାର ଅଧୀନ ଚାକିରି ସଙ୍ଗେ ମହା ସମାରୋହରେ ହୋଇ ଥିବା ସମ୍ବାଦ ପଞ୍ଜାବର ପତ୍ରିକାରେ ପ୍ରକାଶ କରି ଲେଖିଅଛନ୍ତି ଯେ "ଏହାପରି ଉଚ୍ଚ ଘଟନା ଦେଖି ଶୁଣି ଆମ୍ଭମାନଙ୍କ ଓଡ଼ିଆ ବ୍ରାହ୍ମଣ ସମାଜ ଦାଣ୍ଡ ଭଙ୍ଗିବାମାନଙ୍କ ପ୍ରତି କୌଣସି ସାମାଜିକ ଦଣ୍ଡର କରୁ ନ ଥିବା ବଡ଼ ଦୁଃଖର କଥା ଅଟେ" । ସହଯୋଗିଙ୍କର ଏହି ଦୁଃଖରେ ଆମ୍ଭେମାନେ ସହାନୁଭୂତି ପ୍ରକାଶ କରୁଅଛୁଁ । ସମାଜର ନିର୍ଜୀବତା ଏ ଦୁଃଖର କାରଣ ଅଟେ । ପୁଣି ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଯେଉଁମାନେ ଭ୍ରଷ୍ଟତା ଦ୍ୱାରା ଅପେକ୍ଷା ଦୃଷ୍ଟାନ୍ତର ବ୍ରାହ୍ମଣ୍ୟଧର୍ମ ଶ୍ରେଷ୍ଠତାର ମତେ ଚଳନ୍ତି ସେମାନେ ଉପଯୁକ୍ତ ଶିକ୍ଷା ଅଭାବରେ ଏବାକେଳେ ଲାଞ୍ଛିତ । ଶିକ୍ଷା ଓ ଧର୍ମଶିକ୍ଷା ବିନା ସେ ଆଶ୍ରମର ଯୋଗ୍ୟତା ଲାଭ ହୋଇ ପାରେ କି ?

———

ଶ୍ରୀଯୁକ୍ତରେ ଦୁଃଖର ସହିତ ପାଠକଙ୍କୁ ଜଣାଉଅଛୁଁ ଯେ ବ୍ରାହ୍ମସମାଜର ଜଣେ ନିଷ୍ଠାବାନ୍ ସେବକ ସ୍ୱର୍ଗ ମହାତ୍ମା ରାଜନାରାୟଣ ବୋଷଙ୍କର ଜ୍ୟେଷ୍ଠପୁତ୍ର ବାବୁ ଯୋଗୀନ୍ଦ୍ରନାଥ ବୋଷ ଗତ ତା ୮ ରଖ ରବିବାର ୪୯ ବର୍ଷ ବୟସରେ ପରଲୋକପ୍ରାପ୍ତ

ହେଲେ । ସେ ବଙ୍ଗଳା ଓ ଇଂରାଜୀ ଭାଷାରେ ଅତି ସୁଲେଖକ ଥିଲେ । ଗତ ୨୯ ଅଧିକାଂଶ ଇଂରାଜୀ ସମ୍ବାଦପତ୍ରର ସେ ଜଣେ ନିୟମିତ ଲେଖକ ଥିଲେ ଏବଂ ହେ ଇଂଲଣ୍ଡ ଅସ୍ପୃଶ୍ୟ କ୍ଷେତ୍ର ରୁଷିଆ ଏବଂ ଆମେରିକାର ଅନେକ ସମ୍ବାଦପତ୍ରର ଲେଖକମାନେ ତାହାଙ୍କ ନିକଟକୁ ପ୍ରବନ୍ଧମାନ ଅନୁରୋଧ ସହିତ ନେଉଥିଲେ ଏବଂ ଉତ୍ତମ ମୂଲ୍ୟ ଦେଉଥିଲେ । କିନ୍ତୁ ତାହାଙ୍କର ଯଥେଷ୍ଟ ଅର୍ଥ ହେଉଥିଲା । ସେ "ବୈଦ୍ୟନାଥ" ରେ ବାସ କରୁଥିଲେ । ସାନ୍ତାଳ ପରଗଣାର ଡେପୁଟି କମିଶନରଙ୍କର ଅନୁରୋଧ ଥିଲେ ସେ ଲୁଥେରାନ ମିଶନାରୀମାନଙ୍କ ସମ୍ବାଦପତ୍ରକୁ ପ୍ରବନ୍ଧ ପଠାଇବାକୁ ସ୍ୱୀକୃତ ହେବାରୁ ତାହାଙ୍କର ଆୟ ବହୁ ଗୁଣ ଯାଉଥିଲା । ତଦ୍ୱାରା ବୃଦ୍ଧିର ପ୍ରାଚ୍ୟବଳୀର କିଛି ପ୍ରଚାରରେ ତାହାର ଅର୍ଥ ଓ ସମ୍ମାନର ଅଭାବ ନ ଥିଏ । ଯୋଗୀନ୍ଦ୍ର ବାବୁଙ୍କର ଜୀବନ ତହିଁର ଗୋଟିଏ ଉତ୍କୃଷ୍ଟ ପ୍ରମାଣ ଅଟେ ।

———

ବଙ୍ଗୀୟ କୃଷିବିଭାଗର ଡେପୁଟି ଡିରେକ୍ଟର ଏ ବଙ୍ଗଳର ସ୍ଥାନମାନ ଅବର୍ଣ୍ଣନୀୟ ପରିଦର୍ଶନ କରି ଲେଖିଅଛନ୍ତି ଯେ ଗତ ଅପ୍ରେଲ ମାସରୁ ବର୍ଷା ହୋଇଥିଲେ ହେଁ ଏଠାରେ କେବଳ ଫସଲ ଅଳ୍ପ ଉତ୍ପନ୍ନ ହୋଇଅଛି । ଏ ଜଲାର ହେମନ୍ତ ଧାନ ଓ ଅନ୍ୟାନ୍ୟ ସ୍ଥାନପ୍ରତି ସରସ ହୋଇ ଅଛି । ସ ୨/୮୦ ର ଲେଭାମଣ୍ଡ ପ୍ରତିବାସୀ ପ୍ରଜାମାନଙ୍କୁ ଶସ୍ୟ ନିମନ୍ତେ ଦିଆ ଯାଉଅଛି । ଭଲରେ ଫସଲ ଉଠିଯିବା ପରେ ସେହି ଜଳ ରେ ଧାନ ଗେଲେ ଏହାର୍ଦ୍ଧରେ ଏବଂ ଦଳକୁ ଦୁଇଟା ଫସଲ ଅଦାୟ ହେବ ଏବଂ ତଦ୍ଦ୍ୱାରା ରଇତମାନେ ଚଳନ୍ତି ଖାଦ୍ୟ ଓ ଅନ୍ୟାନ୍ୟ ଖରଚର ସଂସ୍ଥାନ କରି ପାରିବେ ଯାହା କି ସେମାନେ ପୂର୍ବେ କରି ପାରୁ ନ ଥିଲେ । ଏ ବିଷୟରେ ଡେପୁଟି ମହାଶୟଙ୍କର ଟିକିଏ ଭ୍ରମ ଥିବାର ଜଣାଯାଏ । ତାହାରା ହାଟ ସେହି ଜଳରେ ଧାନ ଗେଲେ ଦୁଇ ଫସଲ ପାଇବା କଥା ଏ ଜଲାର ପ୍ରଜାମାନଙ୍କୁ ଉତ୍ତମରୂପେ ଜଣାଅଛି ଏବଂ ଜଳ ସୁବିଧା ପାଇଲେ ତାହା କରିବାକୁ ଦେହ ଘଟେ ନାହିଁ । ମାତ୍ର ଯେ ଜମିର ଅଭାବ ଜଳ ନିକଟ ନାହିଁ ତାହା କେଉଁଠି ଥାଇ ସକ୍ରେ ଦ୍ୱାଲଜଳର ବହୁଳପ୍ରବୃତ୍ତ ହୋଇଅଛି ଲହରେ ମୂଲ୍ୟ ସ୍ଥାନେ ଏମନ୍ତରେ ଜଳ ପାଇବାର ଅସୁବିଧା ହେତୁ ଦୁଇଟି ଫସଲ ଅଦାୟ ହୋଇ ପାରେ ନାହିଁ ।

—o—

ସରକାର ରେଲବେ ସମ୍ବନ୍ଧରେ ସନ ୧୯୦୭ ସାଲରେ କେତେ ଲୋକ ହତ ଓ ଆହତ

ହୋଇଥିଲେ ତହିଁର ସଂଖ୍ୟା ତାଲିକା ଦିଆଯାଇଅଛି । ରେଲପଥରେ ଦୁର୍ଘଟଣାରେ ୧୨୩ଣ ହତ ଏବଂ ୨୭୦ଣ ଆହତ ହୋଇଥିଲେ ତହିଁ ପୂର୍ବବର୍ଷ ଏହି ଦୁଇଅଙ୍କ ଯଥାକ୍ରମେ ୫୦ ଓ ୨୦୧ ଥିଲା । ଉପରଲିଖିତ ୨୩ ମୃତ୍ୟୁ ମଧ୍ୟରେ ରେଲଯାତ୍ରୀଙ୍କ ସଂଖ୍ୟା କେବଳ ୨୩ଣ ଥିଲା ଏବଂ ଅବଶିଷ୍ଟ ରେଲ ଚଳାଇବାର ସ୍ୱତନ୍ତ୍ର ଓ ଅନ୍ୟାନ୍ୟ ଲୋକ ଥିଲେ । ରେଲ ଗାଡ଼ିର ଦୁର୍ଘଟନା ଛଡ଼ା ରେଲ ଚଳାଇବା ଦ୍ୱାରା ଅନ୍ୟ ପ୍ରକାରରେ ଯଥା ଅସାବଧାନତା, ଅନଧିକାର ପ୍ରବେଶ, ରେଳବାଟରେ ଗତାୟାତ ଆତ୍ମହତ୍ୟା ଇତ୍ୟାଦି ଅନେକ ଲୋକ ହତ ଓ ଆହତ ହୋଇଥିଲେ । ସମସ୍ତ ମିଶି ସେହି ବର୍ଷ ୧୦୩୭ ଣ ହତ ଏବଂ ୧୭୦୦ ଣ ଆହତ ହୋଇଥିଲେ । ଦୁର୍ଘଟଣାର ସଂଖ୍ୟା ଇଷ୍ଟଇଣ୍ଡିଆ ରେଲୱେରେ ସର୍ବାପେକ୍ଷା ଅଧିକ ଏବଂ ବଙ୍ଗଲା-ନାଗପୁର ରେଲର ଦୁର୍ଘଟଣା ମଧ୍ୟମ ପ୍ରକାରର ଥିଲା । ଇଣ୍ଡିଆ ଗବର୍ଣ୍ଣମେଣ୍ଟ ରେଲୱେ ଦୁର୍ଘଟଣା ରିପୋର୍ଟ ସମାଲୋଚନା କରି ଦେଖାଇଅଛନ୍ତି ଯେ ଗତବର୍ଷ ରେଲ୍‌ବାଟ ପୂର୍ବବର୍ଷଠାରୁ ମା ୭୭୮ ମାଇଲ ବୃଦ୍ଧି ହୋଇଥିବା ସ୍ଥଳେ ଦୁର୍ଘଟନାର ସଂଖ୍ୟା କେବଳ ୧୮ ଟା ବଢ଼ିଅଛି ଏବଂ ଆହତ ସଂଖ୍ୟା କିଛି ବଢ଼ିଥିଲେହେଁ ହତ ସଂଖ୍ୟା ଊଣା ପଡ଼ିଅଛି ।

—o—

ଗଞ୍ଜାମ ଗୁଣଦର୍ପଣ ଲେଖିଅଛନ୍ତି ଯେ ହିନ୍ଦୁ ଧର୍ମଶାସ୍ତ୍ର ସୁଯୁକ୍ତମତେ ପଠନ ପାଠନର ବହୁଳ ଉପାୟ ହୋଇ ନ ଥିବାରୁ ଧର୍ମଶିକ୍ଷାର କଷ୍ଟ ଘଟିଅଛି । ସଂସ୍କୃତଶିକ୍ଷା ଧର୍ମୋନ୍ନତିର ପ୍ରଧାନ ଶମ୍ବଳ । କେବେ ମୂଳରେ ଧର୍ମ ପ୍ରତିପାଦକ ସଂସ୍କୃତ ଗ୍ରନ୍ଥ ପଢ଼ିବାର ସୁବନ୍ଦୋବସ୍ତ ହୋଇ ନାହିଁ ତେଣୁ ଦେଶୀୟ ରାଜନ୍ୟବର୍ଗ ନିଜର ଶାସ୍ତ୍ରୀୟ ବା ପୌରୋହିତ୍ୟ କାର୍ଯ୍ୟାନୁଷ୍ଠାନକାରୀ ପୁରୋହିତ ଦେବସେବକମାନଙ୍କୁ ସଂସ୍କୃତଶିକ୍ଷା ପ୍ରଦାନ କରିବା ସକାଶେ ମନୋଯୋଗୀ ହେଲେ କିୟଦଂଶରେ ଧର୍ମ ସ୍ଥାପନା ହୋଇପାରନ୍ତା । ମାତ୍ର ରଜାମାନେ ସେ ଦିଗକୁ ଦୃଷ୍ଟି ପକାଉ ନାହାନ୍ତି । ଆମ୍ଭେମାନେ ଆଶାକରୁଁ ରଜାମାନେ ସର୍ବଯୋଗୀଙ୍କର ନିବେଦନ ସୁଚାରୁରୂପେ ଗ୍ରହଣ କରି କାର୍ଯ୍ୟ କରିବେ । ସଂସ୍କୃତ ନ ଜାଣିବା ବ୍ରାହ୍ମଣ, ଗୁରୁ, ପୁରୋହିତ ଅଥବା ଦେବପୂଜକ ବାସ୍ତବରେ ସେ ସମସ୍ତ କାର୍ଯ୍ୟର ଅଯୋଗ୍ୟ ଏବଂ ସେ କାର୍ଯ୍ୟମାନ ସେପରି ବ୍ୟକ୍ତିଦ୍ୱାରା ନ ହଇଲେ ସଂସ୍କୃତ ଶିକ୍ଷାର ଆଦର ବଢ଼ିବ । ଯଦିକୁ ସାଧାରଣ ଲୋକଙ୍କୁ ଧର୍ମ ଶିକ୍ଷା ଦେବା ନିମନ୍ତେ ଯେବେ ରଜାମାନେ ଏପରି ନିୟମ କରିବେ ଯେ ସେହିମାନେ ସେମାନଙ୍କର ସଭାପଣ୍ଡିତ ହୋଇ ରହିବେ ଅଥବା ସମୟରେ ସେହିମାନେ ପାଣ୍ଡିତ୍ୟ ବ୍ୟବସାୟରେ ଜୀବନ ଯାପନରୁ ରଜାମାନଙ୍କ ନିକଟକୁ ଯିବେ ସେମାନେ ସ୍ଥାନୀୟ ଲୋକମାନଙ୍କ ନିଜ ଭାଷାରେ ଏକାଧିକ ଧର୍ମ ଉପଦେଶ ଦେବେ ତାହା ହେଲେ ଧର୍ମପ୍ରଚାରର ଅନେକ ସୁବିଧା ହେବ । ପଣ୍ଡିତମାନେ କେବଳ ରଜାଙ୍କଠାରେ ଗୁଣର ପରିଚୟ ଦେଇ କିଛି ଦାନ ନେଇ ଫେରିଆସନ୍ତି । ତହିଁରେ ରଜାଙ୍କର ବ୍ୟୟ ହୁଅଇ ମାତ୍ର ରାଜ୍ୟ ଲୋକଙ୍କର କିଛି ଉପକାର ହୁଏ ନାହିଁ ।

———

କଟକର ନରହତ୍ୟା ମୋକଦ୍ଦମାରେ ଗୃହୀତ ହୋଇଥିବା ରେଲକର୍ମଚାରୀ ସ୍ମିଥ ସାହେବ ଖଲାସ ହୋଇଥିବାର ଲେଖିଥିଲୁଁ । ଉକ୍ତ ମୋକଦ୍ଦମାରେ ସରକାରୀ ବାରିଷ୍ଟର ନିଜ ବକ୍ତୃତାରେ କହିଥିଲେ ଯେ ଜୁରୀମାନେ ଦେଖିବେ ଯେ ହତ ବ୍ୟକ୍ତିର ସ୍ତ୍ରୀ ହତ୍ୟାକାଣ୍ଡ ଦେଖିଥିବାର କଷ୍ଟ କହୁଅଛି ଓ ହିଲସବ୍ରନଙ୍କର ସାକ୍ଷ୍ୟରେ ତହିଁର ପୋଷକତା ହୋଇଅଛି । ଘଟଣାର ଅଳ୍ପକ୍ଷଣ ପରେ ସେହି ସ୍ତ୍ରୀ ଆସାମୀ ନାମରେ ଗୁହାରି କରିଥିଲା ଏବଂ ଉଜ୍ଜ୍ୱଳ ଆଲୋକଦ୍ୱାରା ଆସାମୀ ପଳାଉଥିବାର ଚିହ୍ନି ଦେଖିଥିଲା । ଯେଉଁ ଲଣ୍ଠନରେ ଆଲୁଅ ଜଳୁଥିଲା ତାହା ଜୁରୀମାନଙ୍କ ସମ୍ମୁଖରେ ରହିଅଛି ଏବଂ ତାହା କେବଳ ୧୦।୧୨ ଫିଟ ଅନ୍ତରରେ ଜଳୁଥିଲା ଏଥିରୁ ବୁଝାଯିବ ଯେ ଆଲୁଅ ତେଜ ନ ଥିବାର ଅନୁମାନ ସଙ୍ଗତ ନୁହେ ଓ ନେତ୍ରରେ ଚିହ୍ନିବାର ସାକ୍ଷ୍ୟ ସନ୍ଦେହ ହୋଇ ନାହିଁ । ଫଳତଃ ତିନି ଜଣ ସତ୍ୟ କହିବା ବ୍ୟକ୍ତି ଏ ଦେଶୀୟଲୋକ ହେଲେହେଁ ସେମାନେ ହତ୍ୟା ଦେଖିଥିବାର ସାକ୍ଷ୍ୟ ଦେଇଅଛନ୍ତି । ଅତଏବ ମୋକଦ୍ଦମାର ବୃତ୍ତାନ୍ତ ବିବେଚନାରେ ଆସାମୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ଜୁରୀମାନଙ୍କର କର୍ତ୍ତବ୍ୟ ହେଉଅଛି । ଆସାମୀ ଇଂରେଜ ବୋଲି ସ୍ୱଜାତିଙ୍କ ଦ୍ୱାରା ବିଚାରିତ ହେବାକୁ ମତ ଚଳାଇଲା ଏବଂ ସ୍ୱଭାବରେ ଇଂରେଜଶାସନର ମର୍ଯ୍ୟାଦା ଓ ସୁବିଚାର ରକ୍ଷାର ଭାର ସେମାନଙ୍କ ହାତରେ ରହିଅଛି । ବାରିଷ୍ଟର ମହୋଦୟଙ୍କର ବକ୍ତୃତା ଶୁଣିବାରୁ ଜୁରୀମାନେ କେତେକ୍ଷଣ ଆପଣା ମଧ୍ୟରେ ବିଚାର କରି ଏକମତରେ ଆସାମୀ ନିର୍ଦ୍ଦୋଷୀ ଥିବାର ପ୍ରକାଶ କଲେ ଏବଂ ଜଜ୍ଜର ପର ମହୋଦୟ ତାହା ଗ୍ରହଣ କରି ଆସାମୀଙ୍କୁ ଖଲାସ ଦେଲେ ଏବଂ ଭବିଷ୍ୟତରେ ସାବଧାନ ହେବାପାଇଁ ସାବଧାନ କରିଦେଲେ । ଏଥିରୁ ଜଣାଯାଏ ନେଇ ସୁବିଚାରର ଶ୍ରୁତି ହୋଇଅଛି । ଇଂରେଜମାନେ ଦେଶୀୟଲୋକଙ୍କୁ ହତ୍ୟାକରି ଅଭିଯୋଗ ପ୍ରାୟ ସହଜରେ ଏଡ଼ାଇ ହୋଇଥାଏ । ଗବର୍ଣ୍ଣମେଣ୍ଟ ଏ ବିଷୟରେ କିଛି କରିବାକୁ ପ୍ରବୃତ୍ତ ହେବେ କି ?

---

ଏପର୍ଯ୍ୟନ୍ତ ଗବର୍ଣ୍ଣମେଣ୍ଟ ଏ ନଗରର ମିଉନିସିପାଲିଟି ନିମନ୍ତେ ନୂତନ କମିଶନର ନିଯୁକ୍ତ ନ କରିବା ଓ ସେଥିପାଇଁ ପୁରୁଣା କମିଶନରମାନେ କାର୍ଯ୍ୟ କରୁଥିବାର ଦେଖି ଷ୍ଟାର ଅବ ଉତ୍କଳ ମହା ଭାବନାରେ ପଡ଼ିଅଛନ୍ତି ଯେ ନିର୍ବାଚିତ କମିଶନରମାନଙ୍କର ଶାସନସିଦ୍ଧ ବିଳମ୍ବ ହେବା ଜାଣିଲେ ତମାମ ହୋଇଯିବ ତହିଁର ପ୍ରତିବିଧାନ ଖୋଜିବାପାଇଁ ତାହାଙ୍କର ଆଜିକାଲି ଭଲା ପଡ଼ିଲେ ଧନ୍ଦ ହେଉଅଛନ୍ତି ତାହାଙ୍କ ଲେଖା ଭଙ୍ଗିରୁ ଅନୁମାନ ହୁଅଇ ଯେ ତାହାଙ୍କର ଭୟ ହୋଇଅଛି କି କାଳେ ମାଜିଷ୍ଟ୍ରେଟ ସାହେବ କୌଣସି ପ୍ରକାର ସହ ସୁପାରିସରେ ବାବୁ ଗମଣଙ୍କର ପୁନଃ ନିଯୁକ୍ତ କରିବେ । ସେଥିପାଇଁ ତାହାଙ୍କୁ ସାବଧାନ କରି ଦେଉଅଛନ୍ତି ଯେ ଗମଣଙ୍କର ବାବୁ ଅତ୍ୟନ୍ତ ଯୋଗ୍ୟତା ସହିତ ଚେୟାରମ୍ୟାନର କାର୍ଯ୍ୟ ନିର୍ବାହ କରୁଥିଲେହେଁ କରଦାତାଙ୍କର ତାହାଙ୍କର ଯୋଗ୍ୟତାପ୍ରତି ପ୍ରତ୍ୟୟ ନାହିଁ । ସହଯୋଗୀ ଶୁଣି ସୁଖୀ ହେବେ ଯେ ରମଣଙ୍କର ବାବୁ ସେ ପଦ ନିମନ୍ତେ ଲାଳାୟିତ ନୁହନ୍ତି ଏବଂ ସେ ପଦ ଗୌରବ ନିମନ୍ତେ ଆତ୍ମସମ୍ମାନର ବଳିଦାନ ଦେବାକୁ ଘୃଣା କରନ୍ତି । ସହଯୋଗୀ ପତ୍ର ସମ୍ପାଦକ ବସ୍ତୁଦର୍ଶିତାର ଦାବି କରନ୍ତି । ସେତ ଅନୁମାନ ଉପରେ ହାତ ଦେଇ କହିପାରନ୍ତି ଯେ ଏ ନଗରର କରଦାତାମାନେ ଉପରୋଧ ଅନୁରୋଧ ବା ଆଉ କିଛି ଉପେକ୍ଷା କରି ଏକମାତ୍ର ଯୋଗ୍ୟାଯୋଗ୍ୟ ପ୍ରତ୍ୟୟ ଅନୁସାରେ କମିଶନର ନିର୍ବାଚନ କରନ୍ତି ? ତାହା ହୋଇଥିଲେ କି ମିଉନିସିପାଲିଟିକୁ ଅବୃଷ୍ଟ ମଣାରେ ଯୋଗ୍ୟାଯୋଗ୍ୟାବସ୍ଥାରେ ପଡ଼ିଥିବା ବାବୁ ଜାଦବଲାଲ ବୋଷ ପୁନର୍ନିର୍ବାଚିତ ହୋଇ ଥାନ୍ତେ ? କିମ୍ବା କରଦାତାଙ୍କ ସକାଶେ ଅପିଲକମିଟିରେ ନ୍ୟାୟ ଚେଷ୍ଟା କରିଥିବା ବାବୁ ସାମସନ ରାଉତ ଓ ବାବୁ ଅକ୍ଷୟକୁମାର ଘୋଷ ଅନିର୍ବାଚିତ ହୋଇ ଥାନ୍ତେ ? କିମ୍ବା ମାଜିଷ୍ଟ୍ରେଟ ଯେ ସକଳ ସ୍ଥଳେ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ କମିଶନରଗଣଙ୍କୁ ମନୋନୀତ ପୂର୍ବକ ବାଛିବାର ବହୁଳ ଚେଷ୍ଟା କରନ୍ତି ନାହିଁ ତାହା ସହଯୋଗୀ ଏଥିପୂର୍ବେ ନ ଜାଣି କହିଅଛନ୍ତି ଯେ ତାହାରେ ଆଉ କିଛି କହିବା ଅନାବଶ୍ୟକ ।

---

ଅନ୍ନକଷ୍ଟ

ଓଡ଼ିଶାର ସ୍ଥାନେ ସ୍ଥାନେ ଘୋର ଦୁର୍ଭିକ୍ଷ ହେବାର ସମ୍ବାଦ ପାଉଅଛୁଁ ତହିଁରୁ

ଅନବସ୍ଥା ଉପସ୍ଥିତ ହେବାର ବୋଲିବାକୁ ହେବ । କଂସ୍ତବତ୍ରେ ଦୂଲିୟାର ଏକଦଳ ମଲ ଏକତ୍ରେ ସ୍କୁଲକୁ ନାଅଣ୍ଡ ଏଥିରେ ଭଦ୍ର ସାଧାରଣ ଲୋକ ନିଶ୍ଚିନ୍ତ ହେବେ ? ଅମ୍ଭେମାନେ ଗତ ସପ୍ତାହରେ କହିଥିଲୁଁ ଯେ ମୁକ୍ତାଦେଶକୁ ସ୍କୁଲ ତ ଅଣାଗଲେ ଦର ଶସ୍ତା ହେବ ନାହିଁ । ଏଥିମଧ୍ୟରେ ଦୁଷ୍ଟବଙ୍ଗର ଲେଫଟନାଣ୍ଟ ଗଭର୍ଣ୍ଣରଙ୍କ ଦ୍ବାରା ସ୍କୁଲ ଅଣାଇବାର ବନ୍ଦୋବସ୍ତ କରୁଅଛନ୍ତି ଏବଂ ଶୁଣିବାରେ ୨୦ଶ ଖଣ୍ଡ ଜାହାଜ ସ୍କୁଲ ଯୋଗ ଅଣିଅଛି ଏବଂ ତାହାଁର ଦର ଠିକ ନ ଜାଣିବାକୁ ଏଠାରେ ମହାଜନମାନେ ଖରିଦ ବନ୍ଦ କରିଅଛନ୍ତି । ସେହିହେତୁରୁ ଗତ ୨ ୪ ଦିନ ହେଲା ଏଠାରେ ସ୍କୁଲ ଶସ୍ତା ହୋଇଅଛି ଅର୍ଥାତ୍ ଯାହା ସେ ୬ ର ଥିଲା ତାହା ସେ ୭ ର ହୋଇଅଛି । ମାତ୍ର ସରକାରୀ ଗେଜେଟରେ ଦେଖାଯାଏ ଯେ ବୃନ୍ଦାବନରେ ଗତ ଜୁଲାଇମାସ ଶେଷ ପକ୍ଷରେ ଟଙ୍କାକୁ ବାଲେଶ୍ବରୀ ସେ ୮ ର ବା ଓଜନ ସେ ୫ ର ଥିଲା । ଏଣିକି ତାହାଁରୁ ଊଣା ହୋଇଥିବ ଏବଂ ଜାହାଜ ଭଡ଼ା ଇତ୍ୟାଦି ଖରଚ୍ ଲାଗି ଟଙ୍କା ସେ ୭ ର ବା ସେ ୬ ରକୁ ଅଧିକ ହେବାର ଆଶା ହେଉ ନାହିଁ । ଏଭଳି ଯେବେ ହେବ ତେବେ ଔଡ଼ିଶାରେ ଅଧିକ ଦୁର୍ମୂଲ୍ୟ ହେବ ନାହିଁ ମାତ୍ର ଏହି ଦରରେ ଲୋକେ ନିର୍ବାହ ହୋଇ ପାରିବେ କି ? ଟଙ୍କାକୁ ବାଲେଶ୍ବରୀ ସେ ୮ ରକୁ ଊଣା ସ୍କୁଲର ଭାଉ ହେଲେ ସରକାର ଟ ୧୫ ୲ କାରୁ ଊଣା ବେତନ ପାଇବା ଜନକ ସ୍କୁଲ-ମାନଙ୍କ ମାସକୁ ଏକଟଙ୍କା ଲେଖାଏଁ ଭତ୍ତା ଦିଅନ୍ତି । ସେହି ନିମନ୍ତେ ଗତ ଜୁଲାଇମାସ ପାରୁ ଏଠାର ସକଳାଙ୍ଗ ସ୍କୁଲମାନଙ୍କୁ ଭତ୍ତା ଦେବାର ଆଦେଶ ହୋଇଅଛି । କିନ୍ତୁ ଅନ୍ୟାନ୍ୟ ଅଧିକାଂଶ ଲୋକଙ୍କର ମାସିକ ଆୟ ଟ ୧୫ ୲ କାରୁ ଊଣା ଏବଂ ସେମାନେ ଯେ ବର୍ତ୍ତମାନ ଦରରେ ନିର୍ବାହ ହୋଇପାରିବେ ତାହା ଏଥିରେ ଜଣାପଡ଼େ ନାହିଁ । ପ୍ରାୟ ବର୍ଷେ ହେଲା ସ୍କୁଲର ଦର ନରମ ନାହିଁଅଛି ଏବଂ କହିଁ ପାଇଁ ଗରିବ ଓ ମଧ୍ୟଶ୍ରେଣୀର ଲୋକମାନେ ବ୍ୟସ୍ତ ହୋଇଅଛନ୍ତି । ଦ୍ଵିତୀୟ ଫସଲର ଆଶା ଉତ୍ତମ ନୁହେଁ । ମୋଟରେ ଏବଂ ଓ ବନ୍ୟାଦ୍ବାରା ସକଳ ସ୍ଥାନର ଅବସ୍ଥା ସନ୍ଦେହଜନକ ଓ ବଜାର ଦର ତାହାଁର ସାକ୍ଷ୍ୟ ପ୍ରମାଣ ଦେଉଅଛି । ଏହି ସମୟରୁ ଗବର୍ଣ୍ଣମେଣ୍ଟ ଖାଦ୍ୟାନ୍ନର ବନ୍ଦୋବସ୍ତ ନ କଲେ ବଡ଼ ବିପଦ ଘଟିବା ଅନିବାର୍ଯ୍ୟ । ପୂର୍ବବଙ୍ଗ ଗବର୍ଣ୍ଣମେଣ୍ଟ ଦେଶକୁ ସାବଧାନ ନ ହେବାରୁ ସେଠାରେ କଷ୍ଟ ବଢ଼ିଅଛି ଏବଂ ସେହି କଷ୍ଟ ଅମ୍ଭମାନଙ୍କ ଦେଶ ଗ୍ରାସ କରିବାକୁ ଦେଖୁଅଛି । ଲୋକେ ସ୍ଥାନୀୟ କମିଶନର ଓ କଲେକ୍ଟରଙ୍କ ଦୃଷ୍ଟି ଏହି କଥା ସମ୍ବାଦପତ୍ରରେ ଜଣାଇଦେଇଅଛନ୍ତି । ଏଣିକି ଏହାର ଉପାୟ କରିବା ସେମାନଙ୍କର କାର୍ଯ୍ୟ । ଅମ୍ଭେମାନେ ଏହାକୁ ଅନୁରୋଧ କରୁ ଯେ ସେ ନଗର ଜାହାଜମାନେ ନାହିଁ ଧାନ୍ଦେ ଓ କମାନ ପରିଦର୍ଶନ ଏବଂ ଲୋକଙ୍କର ଅବସ୍ଥା ଓ ସ୍ଥାନୀୟ ଧାନର ଅବସ୍ଥା ନ ଦେଖି ଦୁର୍ଭିକ୍ଷ ନିବାରଣ ନିୟମାବଳୀ ଅନୁସାରେ କାର୍ଯ୍ୟ କରିବାକୁ ତତ୍ପର ହେଉନ୍ତୁ । ସମୟାନୁସାରେ ପ୍ରତୀକାର ନ ହେଲେ ରକ୍ଷା ହେବ ନାହିଁ ।

---

## ଲବଣକର ।

ଗତ ଏକଶତବର୍ଷ ହେଲା ଭାରତ ଗବର୍ଣ୍ଣମେଣ୍ଟଙ୍କର ଆୟ ବ୍ୟୟଠାରୁ ଅଧିକ ହେଉଥିବା ହେତୁ ପ୍ରତିବର୍ଷ ଟଙ୍କା ଜମା ରହୁଅଛି । ଏଣୁକରି ପ୍ରଜାମାନଙ୍କର କରଭାର ଲଘୁ କରିବାରେ ପ୍ରଜାବତ୍ସଳ ଗବର୍ଣ୍ଣମେଣ୍ଟ ଚେଷ୍ଟିତ ହୋଇଅଛନ୍ତି । ସେହି ଦୃଷ୍ଟିରେ ଅନ୍ୟାନ୍ୟ କରମାନଙ୍କ ମଧ୍ୟରୁ ଆୟକର ଏବଂ ଲବଣକର ଉପରେ ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ପଡ଼ିଛି । ଉପଯୋଗ୍ୟ ଆୟର ପରିମାଣ ଟ ୫୦୦ ୲ କାରୁ ଟ ୧୦୦୦ ୲ କାରୁ ଉଠାଇ ଆଣିଅଛନ୍ତି ଏବଂ ଲବଣକର କମ କରି ଦେଇଥିବା ହେତୁ ପୂର୍ବାପେକ୍ଷା ଶସ୍ତା ଦରରେ ଲୁଣ ବିକ୍ରିହେଉଅଛି । ମାତ୍ର ଏପରି ହୋଇଥିଲେହେଁ ଯେଉଁମାନେ ଗବର୍ଣ୍ଣମେଣ୍ଟଙ୍କର ସମ୍ପର୍କ ଛୁଇଁପାରି ନାହାନ୍ତି ସେମାନେ ଏହାର ଉପକାରିତା ଅନୁଭବ କରିପାରି ନାହାନ୍ତି । ଲବଣକରହ୍ରାସ ବାସ୍ତବରେ ସମସ୍ତ ଲୋକମାନଙ୍କର କଷ୍ଟ ଦେଇଅଛି । ଗବର୍ଣ୍ଣମେଣ୍ଟ ଯେବେ ଲବଣକରକୁ ଏକାବେଳକେ ଉଠାଇଦେଇଥାନ୍ତେ ତାହା ହେଲେ ପ୍ରକୃତ ଦୁଃଖୀ ଲୋକମାନଙ୍କର ଉପକାର ହୋଇଥାନ୍ତା । କାରଣ ବହୁ କମେଇ ଦେବାଦ୍ୱାରା ଯେଉଁମାନଙ୍କର ଏକ ସମୟରେ * ସେର * ସେର ଲୁଣ କିଣିବାପାଇଁ ଥରକେ ତେବେ କିଣିବାର ଶକ୍ତିଅଛି ସେହି-ମାନେ ଉପକାର ପାଇ ପାରନ୍ତି ମାତ୍ର ଯେଉଁ-ମାନେ ପାଏ ଅଧପାରେ କିଣିବା ଲୋକ ସେମାନେ କିଛି ପାଇ ପାରିବେ ନାହିଁ । ମଫସଲରେ ବେପାରିମାନେ କିଛି ଲାଭ କରି-ବେ ଏବଂ ତାହାର ପ୍ରକାର ସ୍ୱରୂପ ଯେବେ ପୋଲିସ କମ୍ପାନୀ ଅନ୍ୟଦୋଣିକି ଅଣ୍ଟ-ବେଇତଙ୍କର୍ଗୀ ସରକାରୀ ତର୍ଦ୍ଦଶ୍ୟକୁ ତଦନ୍ତ କରିବାର ଯୋଗ ପାନ୍ତି ତାହା ହେଲେ କେଉଁଠାରେ ସେ ଲାଭ ହେବେ ମାତ୍ର ଗରିବ ଲୋକଙ୍କ ଦ୍ବାରା ସେପରି ଥିଲା ଦେଖିଥାଉ ରହିବ ।

ସମୁଦ୍ର ଉପକୂଳବର୍ତ୍ତୀ ଗ୍ରାମ ଏବଂ ଲୁଣମାଟି ମିଳୁଥିବା ଅନ୍ୟାନ୍ୟ ସ୍ଥାନମାନଙ୍କରେ ଅନେକ ଗ୍ରାମବାସୀ ଅଛନ୍ତି ଯେଉଁମାନେ ଅନେକ ଲୁଣ ମାରୁଥାନ୍ତି । ଲୁଣ ମରିବା ଅଟକାଯିବାରୁ ସେମାନେ ଭିନ୍ନ ବ୍ୟବସାୟକୁ ଯାଇ ଦେଇ ଅଛନ୍ତି ଏବଂ ଏହାଦ୍ୱାରା ସେମାନଙ୍କର ବିଶେଷ କଷ୍ଟ ହୋଇଅଛି କାରଣ ଲୁଣମାରି ସେମାନେ ଯେଉଁ ଅର୍ଥ ରୋଜଗାର କରୁଥିଲେ ତାହା ସେମାନେ ପାଉ ନାହାନ୍ତି ଏବଂ ବେଆଇନୀ ଲୁଣ ମାରିପାରୁଥିଲେ ତାହାକୁ କର ଦେଇ ନିର୍ବାହ କରୁଥିଲେ ସେ ବ୍ୟବସାୟ ଲୋପ ହୋଇଅଛି । ସେମାନେ ବର୍ତ୍ତମାନ ଲୁଣ ଉଠାଉଥିବା ହେତୁ ଯେଉଁ ପଇସା ସଞ୍ଚୟ କରୁଥିଲେ ତାହା ଏବେ ବ୍ୟୟ କରୁଅଛନ୍ତି; ଅର୍ଥାତ୍ ଯେଉଁ ଲୁଣ ଆଉ ଶସ୍ତା ଦରରେ କିଣନ୍ତି ତାହା ସେମାନେ କିଣି ଖାଇପାରୁ ନାହାନ୍ତି ଏବଂ ଲୁଣର ବ୍ୟବସାୟ ଲୋପ ହୋଇଯିବା ହେତୁ କହିଁ ଗ୍ରାମ ଅଞ୍ଚଳରେ ଅନ୍ୟ କିଛି ନୂତନ ବ୍ୟବସାୟ ପ୍ରଚଳିତ ହୋଇ ନ ଥିବାରୁ ଲୁଣ ମାରିବାରେ ବ୍ୟୟିତ ହେଉଥିବା ସମୟକୁ ଅନ୍ୟଆଡ଼େ ଲଗାଇ ଭିନ୍ନ ବ୍ୟବସାୟ ଦ୍ୱାରା ଲୋକସାନ ପୂରଣ କରିପାରୁ ନାହାନ୍ତି । ସୁତରାଂ ଲୁଣକର ହ୍ରାସ ଏକଆଡ଼େ ସେମାନଙ୍କର ସୁଖରେ ଯେଉଁ ବାଧା ପଡ଼ିଅଛି ଅନ୍ୟଆଡ଼େ ସେମାନଙ୍କର ଦାରିଦ୍ର୍ୟ ମଧ୍ୟ ବଢ଼ିଅଛି । ପ୍ରଭୃତି ପରିବର୍ତ୍ତନର ହେତୁ ବ୍ୟବସାୟ ନଷ୍ଟ ହେଉଛି । ଲୁଣିଜଳ ଫୁଟାଇ ବା ଲୁଣ ସଜାଇଲେ ସେମାନେ ଚାଲାଣ ଶରତ ଓ ବସନ୍ତରେ ଧରା ପଡ଼ୁଅଛନ୍ତି । ଏଭଳି ଲୁଣମରା ଲୋକଙ୍କ କଥା । ସ୍ଥାନୀୟ ଜମିଦାର ଲୋକମାନଙ୍କ ଦ୍ୱାରା ଗରିବ କରିଦିଅ ଲୋକଙ୍କର ମଧ୍ୟ ଦାମ କଷ୍ଟ ହୋଇ ନାହିଁ । ଯେଉଁମାନେ ଲୁଣ ମାରୁଥିଲେ ସେମାନଙ୍କଠାରୁ ଯେପରି ଶସ୍ତାରେ ସେମାନେ କିଣିବାକୁ ପାଉଥିଲେ ଅଧିକାଂଶତଃ ଆଉଥିବା ଲୁଣ ସେପରି ଶସ୍ତାରେ ସେମାନେ ପାଉ ନାହାନ୍ତି । ଲୁଣ ମାରିବା ବ୍ୟବସ୍ଥା ଉପରେ ହେଲେ ମାଲିକ, ଜାହାଜ ମାଲିକ, କୋଠୀଦାର ଗର୍ଜି, ଏମାନଙ୍କ ଲାଭ—ଏ ସୁବିଧା ଦେବାକୁ ପଡ଼ୁଛି । ଏଥି ପ୍ରତି ଗବର୍ଣ୍ଣମେଣ୍ଟଙ୍କ ଦୃଷ୍ଟି । ଏହି କଥାର ତାହାରୁ ଦ୍ୱାର ବୁଝି ଦେଲେ ଦେଶୀ ଲୋକ ଯିବ ଅଟିବ ନାହିଁ । ଏହାର ଉପାୟ ଏହି ଯେ ଥିଲେ ସ୍ଥାନୀୟ ଜମିଦାରଙ୍କୁ କର ଦେଇ ଅଧିକାର ଦେବାର ପ୍ରଥା ଲୋକମାନଙ୍କ ଉପରେ ଜାରି ହେବ

Digitized by srujanika@gmail.com

Split by PDF Splitter



433

ଏବଂ ଯେଉଁମାନେ ଏ ବ୍ୟବସାୟ କରି ଚଳନ୍ତି ସେମାନଙ୍କ ଜୀବିକାରେ ବାଧାଦେବ । ଯେବେ ଭାରତରେ ଏହା କେବେ ଲଲେ ଉଠିଯାଏ ତାହା ହେଲେ ଅନେକଗୁଡ଼ିଏ ଦରିଦ୍ର ଲୋକଙ୍କର ଦୁଃଖ ଦୂର ହେବ, ବଣିଜିଆମାନେ ଶସ୍ତାରେ କିଣି ପାରିବେ, ଏବଂ ମନୁଷ୍ୟ ଖାଇବାକୁ ପାଇବା ସଙ୍ଗେ ଗୋ ମହିଷାଦି ପଶୁମାନେ ମଧ୍ୟ ଖାଇବାକୁ ପାଇବେ । ମୋହନସରରେ ଅନେକ ଲୋକ କହନ୍ତି ଯେ ଲୁଣର ଅଭାବ ଅନେକ ସମୟରେ ଗୋ ମହିଷମାନଙ୍କର ଦୁର୍ବଳତା ଓ ମଡ଼କର କାରଣ ।

---

## ପ୍ରାପ୍ତ ।

ଉତ୍କଳ ସଭାର ଭୂତପୂର୍ବ ସମ୍ପାଦକ ।

ଏହି ପୂର୍ବେ ଉତ୍କଳଦୀପିକାରେ ପ୍ରକାଶିତ ଏକ ବେନାମୀ ପ୍ରବନ୍ଧରେ ବାବୁ ଗୌରୀଶଙ୍କର ରାୟଙ୍କ ଗୁଣାବଳୀ ଓ ଯହିଁପାଇଁ ସେ କେବେ ଉତ୍କଳ ସଭାର ବିଶେଷ ଅଧିବେଶନରେ ଏକ ସ୍ଥାନ ପାଇଥିଲେ ସେ ଗୁଣମାନ ସମ୍ପୂର୍ଣ୍ଣରୂପେ ବର୍ଣ୍ଣିତ ହୋଇ ନାହିଁ । ଅମ୍ଭେ ପୂର୍ବରୁ ପ୍ରସ୍ତୁତ ନ ଥିବା ହେତୁ ସଭାରେ ତାଙ୍କର ଯେଉଁ ମହତ୍ତ୍ୱର ଗୁଣ ଗାଇଥିଲୁ ତାହା ମଧ୍ୟ ସମ୍ପୂର୍ଣ୍ଣ ପ୍ରକାଶ ପାଇ ନାହିଁ । ବୋଧ ହୁଏ ଗୌରୀଶଙ୍କର ବାବୁ ଉତ୍କଳ ସଭା ଓ ଉତ୍କଳଦୀପିକା ଉଭୟର ସମ୍ପାଦକ ଥିବାରୁ ଆପଣା ଗୁଣାବଳୀ ଛାପେ ଗାଇବାର ଉଚିତ ମନେ କରି ନାହାନ୍ତି । ବଙ୍ଗ ଦେଶ ସ୍କୁଲମାନଙ୍କରେ ସର୍ବଦା କହୁଅଛନ୍ତି ଓ ସ୍କୁଲ ପିଲାଙ୍କୁ ପ୍ରାଇଜ ( Prize ) ଦିଆଯାଏ ଯେ ସେମାନେ ଉତ୍ସାହିତ ହୋଇ ଅଧିକ ଉତ୍ତମରୂପେ ଶିକ୍ଷା କରିବେ ଓ କର୍ମଚାରୀଙ୍କୁ ପୁରସ୍କାର ବା ସମ୍ମାନ ଦିଆଯାଏ ଯେ ସେମାନେ ଉତ୍ସାହିତ ହୋଇ ଅଧିକ ଉତ୍ତମରୂପେ କାର୍ଯ୍ୟ କରିବେ କିନ୍ତୁ ଅମ୍ଭର ବୃଦ୍ଧାବସ୍ଥା ହେତୁ ଆଉ କାର୍ଯ୍ୟ କରିବାକୁ ସମର୍ଥ ନାହୁଁ ତେବେ ସଭା ଅମ୍ଭଙ୍କୁ ସମ୍ମାନ ପ୍ରଦାନ କରିବାରେ ଅନ୍ୟ ଓ ନବୀନ କର୍ମଚାରୀମାନେ ଯେ କର୍ତ୍ତବ୍ୟ ପାଳନ ଓ ଉତ୍ତମ କାର୍ଯ୍ୟ କରିବାକୁ ସମଧିକ ଉତ୍ସାହିତ ହେବେ ସନ୍ଦେହ ନାହିଁ । ଏ କଥା ଯଥାର୍ଥ ଅଟେ ଓ ଏହି ନୀତିକୁ ଅନୁସରି ଅମ୍ଭେ ତାଙ୍କ ଗୁଣାନୁବାଦ ତାଙ୍କର ପତ୍ରିକାରେ ପ୍ରକାଶ କରାଇଲେ ଦୋଷ ଘଟିବ ନାହିଁ । ସୁତରାଂ ଅମ୍ଭେ ଅନ୍ୟ ଉତ୍କଳୀୟ ପତ୍ରିକାର ଗ୍ରାହକ ହୋଇଁ ଅତଏବ ଦୀପିକାର ସମ୍ପାଦକ ମହାଶୟ ଦେଶହିତୈଷୀ ତ ହୋଇ ଏ ପ୍ରବନ୍ଧଟିକୁ “ ପ୍ରାପ୍ତ ” ସ୍ୱରୂପ ସ୍ଥାନ ଦାନ କରିବେ ।

ସଭାରେ ଗୌରୀଶଙ୍କର ବାବୁଙ୍କର କର୍ତ୍ତବ୍ୟପରାୟଣତା ଓ ସ୍ୱଦେଶର ହିତାନୁଷ୍ଠାନ ସଂକ୍ଷେପରୂପେ କଥିତ ହୋଇଥିଲା । ସ୍ୱଦେଶର ହିତ ସାଧନ ପ୍ରତି ଲୋକର କର୍ତ୍ତବ୍ୟ ଅଟେ । ଯେ କର୍ତ୍ତବ୍ୟପରାୟଣ ସେ ସ୍ୱଦେଶର ହିତ ଚେଷ୍ଟା ଓ ଅନ୍ୟ ଯେତେ କର୍ମମାନ ତାହାର କର୍ତ୍ତବ୍ୟ ସେ ସବୁ ଆପଣା ସାଧ୍ୟାନୁସାରେ କରିବାକୁ ହେବ । ଏଣୁକରି କର୍ତ୍ତବ୍ୟପରାୟଣତା ମୂଳଗୁଣ ହେଉଅଛି । ଗୋଟିଏ ଭଜନ ଗୀତର ମର୍ମ ଏହି ଯେ କର୍ତ୍ତବ୍ୟ କର୍ମମାନ ନ କରି କେବଳ ପରମେଶ୍ୱରଙ୍କୁ ଭଜିଲେ କିଛି ଫଳ ନାହିଁ । କର୍ତ୍ତବ୍ୟପରାୟଣତା ଗୁଣ ଗୌରୀଶଙ୍କର ବାବୁଙ୍କଠାରେ ପ୍ରକୃଷ୍ଟରୂପେ ଅଛି । ସେମାନେ ନିଜ ହାନି ଲାଭ ପ୍ରତି ଦୃଷ୍ଟି ନ ରଖି ଯେ ଯାହା କର୍ତ୍ତବ୍ୟ ବୁଝନ୍ତି ତାହାହିଁ କରନ୍ତି ଏଥିର ଗୋଟିଏ ଦୃଷ୍ଟାନ୍ତ ସଭାରେ ସାମାନ୍ୟରେ ଉଲ୍ଲେଖ ହୋଇଥିଲା ତାହା ଏହି ଯେ ଗୌରୀଶଙ୍କର ବାବୁ କଲେକ୍ଟରିରେ ୫୦୦ଙ୍କା ବେତନରେ ଖଜଣା କର୍ମରେ ଥିବା ସମୟରେ ସେ ସମୟର କଲେକ୍ଟରସାହେବ ଜଣେ ଇଂରାଜ ବଣିକଙ୍କର ଅନୁରୋଧ ରକ୍ଷାର୍ଥେ ତାଙ୍କୁ କିଛି ନିୟମ ବିରୁଦ୍ଧ କାର୍ଯ୍ୟ କରିବାକୁ କହାଇବାରୁ ସେ ତାହା ସ୍ୱୀକାର ନ କରି ଚାକିରି ଛାଡ଼ିଦେଲେ । ତହୁଁ କଲେକ୍ଟର ଓ କମିଶ୍ନର ଦୁହେଁ ତାଙ୍କ ପ୍ରତି ରୁଷ୍ଟ ହେଲେ ଓ ତାଙ୍କ ଗୁଡ଼ାଏ ଟଣାଟଣି ହେଲା । ଗବର୍ଣ୍ଣମେଣ୍ଟ ଉଚ୍ଚ ଦପ୍ତରରେ ଖବର ଲହଗଲା ମାତ୍ର ସେ ମକଦ୍ଦମାରେ ସତ୍ୟବାଦୀର ପକ୍ଷଭୁକ୍ତ ହେଲେ । କଲେକ୍ଟର ସାହେବଙ୍କ କହିବାରେ ଉପୋଟ କଲେ ଆପଣାର ଯେ କିଛି ହାନି ହେବ ଏହା ଜଣେ ସେ ଜାଣି ନ ଥିଲେ ? ତାହା ଜାଣି କର୍ତ୍ତବ୍ୟାନୁରୋଧରେ ସେପରି କାର୍ଯ୍ୟ କରିଥିଲେ । ସେତେବେଳେ ସେ ଜଣେ ସାମାନ୍ୟ ଖଜଣା ଓ ତାଙ୍କର ବୟସ ବି ମଧ୍ୟ ଅଧିକ ନ ଥିଲା ତଥାପି ଅନ୍ୟାୟକୁ ମତ ଦେଲେ ନାହିଁ କର୍ତ୍ତବ୍ୟାନୁରୋଧେ ହାନି ସହିବାକୁ ମତ କଲେ ଏହା କେତେ ଉଚ୍ଚ ଗୁଣ ! ସେହି କଲେକ୍ଟରସାହେବ କେତେ ବଡ଼ଲୋକ ହୋଇ ଜଣେ ସ୍ୱଜାତିର ମନ ରକ୍ଷାର୍ଥେ ଅନ୍ୟାୟ କରିବାକୁ ପ୍ରବୃତ୍ତ ହୋଇ ଥିଲେ । ନବ ପୂର୍ବ ବଙ୍ଗପ୍ରଦେଶର ପ୍ରଥମ ଶାସନକର୍ତ୍ତାଙ୍କ ଆଦେଶ ଅବା ମନ ରକ୍ଷାର୍ଥେ ସେ ଅଞ୍ଚଳୀୟ ହେତେ ହୁଡ଼ କର୍ମଚାରୀମାନେ କେତେ ଅନ୍ୟାୟ ଓ ଅନିୟମ କାର୍ଯ୍ୟମାନ ନ କଲେଣି ! କର୍ତ୍ତବ୍ୟ ପ୍ରତି କେହି ଦୃଷ୍ଟି ରଖିଲେ ନାହିଁ ! ଏଠା ଲାଟସାହେବଙ୍କ ଅନୁରୋଧ ବା ମନରକ୍ଷାରେ ତାଙ୍କ ଅଧୀନସ୍ଥ ସବଜଜ ଓ ମୁନସଫ-

ମାନେ ଅନ୍ୟାୟ ଆଇନ ବିରୁଦ୍ଧ ଓ ସମ୍ପର୍କ ରହିତ କାର୍ଯ୍ୟଟିଏ କଷ୍ଟକରିତ ହେଲା କରିଅଛନ୍ତି । ତାହା ଏହି ଯେ ଅଚଳନ୍ତି ସମ୍ପତ୍ତିର କ୍ଷତି ଇସ୍ତାହାର ସମ୍ବାଦପତ୍ରମାନଙ୍କରେ ଛପାଇବାର ଥିଲେ ୨ ଦିନ ଅବା ବାଧକ ନ ଥିଲେହେଁ ଷ୍ଟାର ନାମକ ଏଠାର ଇଂରାଜୀ ସମ୍ବାଦପତ୍ରକୁ ଯୋଗାଇବା କାରଣ ସେଥିରେ ସେଥର ନିଲାମି ଇସ୍ତାହାରମାନ ପ୍ରତି ଖଣ୍ଡ ୮ ୬୯ ଙ୍କା ଖର୍ଚ୍ଚରେ ଛପାଇବାର ଓ ଏ ଖର୍ଚ୍ଚ ପକ୍ଷଙ୍କଠାରୁ ନେବାର ନଜସାହେବ ଆଦେଶ ଦେବାରୁ ତାଙ୍କ ଅଧୀନସ୍ଥ ହାକିମମାନେ ତାହା କରୁଅଛନ୍ତି । ଏଥିର ଅନାବଶ୍ୟକତା ନିୟମ ଓ ପକ୍ଷମାନଙ୍କର ଅନର୍ଥକ ହାନି ହେଉଥିବା ଉତ୍କଳ ଦୀପିକାରେ ବର୍ଣ୍ଣିତ ହୋଇଅଛି । ପୁଣି ଜଣେ ସବଜଜ ଅବା ମୁନସଫ ଏହା ଅନ୍ୟାୟ ଓ ପକ୍ଷଙ୍କ କ୍ଷତିକର ବୋଲି କେହି ବୁଝିଥିଲେହେଲେ ତଥାପି ତାହା ଉଚିତ ଅବା ତହିଁର ପ୍ରତିବାଦ କରିବାକୁ ସାହସୀ ହେଲେ ନାହିଁ । ଏହାଙ୍କର କର୍ତ୍ତବ୍ୟଜ୍ଞାନ କେତେ ପାଠକମାନେ ବୁଝିବେ ।

ଗୌରୀଶଙ୍କର ବାବୁଙ୍କ ଦୃଢ଼ ଯତ୍ନ ଓ ପରିଶ୍ରମରେ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଛାପାଖାନାର ଏତାଦୃଶ ଉନ୍ନତି ହୋଇଅଛି ଓ ଯହିଁରୁ ଉତ୍କଳରେ ଅନ୍ୟାନ୍ୟ ଛାପାଖାନାମାନ ସ୍ଥାପନ ଓ ଉତ୍କଳସାହିତ୍ୟର ଉନ୍ନତି ଓ ବିସ୍ତାର ଓ ତହିଁଯୋଗେ ଦେଶର ଉନ୍ନତି ହୋଇଅଛି । ସେ ଉତ୍କଳୀୟ ସମ୍ବାଦପତ୍ରର ଜନ୍ମ ଓ ପୋଷଣ କରି ପ୍ରଥମୋକ୍ତ ଛାପାଖାନାର ଉନ୍ନତି ହେବା ପର୍ଯ୍ୟନ୍ତ ସେ ପ୍ରଥମ ବ ୩ ବର୍ଷ ବିନା ପାରିଶ୍ରମିକ ଓ ବ ୭୮ ବର୍ଷ ସାମାନ୍ୟ ପାରିତୋଷିକରେ ଯେପରି ଶ୍ରମ ଓ ଯତ୍ନସହ ତହିଁର କାର୍ଯ୍ୟ କରିଅଛନ୍ତି ସେପରି ଏ ଦେଶର ଅନ୍ୟ କେହି କରିବାର ଦୃଷ୍ଟାନ୍ତ ଦେଖାଯାଏ । କେବଳ ତାଙ୍କର କର୍ତ୍ତବ୍ୟପରାୟଣତା ତାଙ୍କୁ ପ୍ରବର୍ତ୍ତାଇ ଥିଲା । ଏ ପ୍ରବନ୍ଧ ଦୀର୍ଘ ହୋଇ ଗଲେହେଁ ଆଉ ଗୋଟିଏ ଦୃଷ୍ଟାନ୍ତର ଉଲ୍ଲେଖ ନ କରି ଯାଇ ହୋଇ ପାରୁ ନାହିଁ । ତାଙ୍କର ସ୍ୱର୍ଗୀୟ କନିଷ୍ଠ ସହୋଦର ବାବୁ ଉମାଶଙ୍କର ରାୟ କଟକ ମ୍ୟୁନିସିପାଲିଟୀର ଚେୟାରମାନ ( ସଭାପତି ) ଥିଲେ । ଦୁଇ ଭାଇଙ୍କ ମଧ୍ୟରେ ଅତ୍ୟନ୍ତ ସ୍ନେହ ଓ ସୌହାର୍ଦ୍ଦ୍ୟ ଥିଲା । ତଥାପି ମ୍ୟୁନିସିପାଲିଟୀର ଚିତ୍ର ଧାର୍ଯ୍ୟ ତହିଁର ଅପର କର୍ତ୍ତୃପକ୍ଷ କାର୍ଯ୍ୟର ଦୋଷମାନ ଦୀପିକାରେ ବାରମ୍ବାର ସ୍ପଷ୍ଟାକ୍ଷରରୂପେ ଦେଖାଇ ଆସୁଥିଲେ କର୍ତ୍ତବ୍ୟଜ୍ଞାନ ହେତୁ ସେ ସ୍ନେହାସ୍ପଦ ଭ୍ରାତାଙ୍କ ଲେଶମାତ୍ର ଉପରୋଧ କରୁ ନାହାନ୍ତି ।

Digitized by srujanika@gmail.com

ଏପରି ଦୃଷ୍ଟାନ୍ତ ମିଳେ ! ତାଙ୍କର ଗୁଣ ଓ କାର୍ଯ୍ୟମାନ ଲେଖିଲେ ପୁସ୍ତକଟିଏ ହେବ ସାଥିହାରେ ସ୍ଥାନ ପାଇବ କାହିଁ ?

ଗୌରୀଶଙ୍କର ବାବୁ ଯେପରି କର୍ତ୍ତବ୍ୟ-ପରାୟଣ ଥିଲେ ତାଙ୍କ ସେପରି ଫଳ ମିଳି ଅଛନ୍ତି । ପ୍ରଥମ କର୍ତ୍ତବ୍ୟାନୁରୋଧ ଦୃଷ୍ଟାନ୍ତରେ ତାଙ୍କର ସାମାନ୍ୟ ଯଶ ହୋଇଥିଲା ଅର୍ଥାତ୍ କଲେକ୍ଟରଙ୍କର ପଦୋନ୍ନତି ରହିତ ହୋଇଥିଲା କିନ୍ତୁ ଉତ୍ତରରେ ସେ ନଡ଼ ସାହେବଙ୍କ ମହକୁମାରେ ଅନୁବାଦକ କର୍ମରେ ମାସିକ ଏକଶହ ଟଙ୍କା ବେତନରେ ନିଯୁକ୍ତ ହୋଇଥିଲେ ଓ ଛାପାଖାନାର ଉନ୍ନତି ସାଧନ ତଥା ସମସ୍ତଙ୍କୁ ଉତ୍କୃଷ୍ଟ ଶ୍ରେଣୀ ଭାଷା ବାଣ୍ଟିଲେ ତାଙ୍କର ଆଜି ଯଶ ଦେଉଅଛି । କଲେକ୍ଟରଙ୍କରେ ବଡ଼ ହେଲେ ସେ ନୂଆ ଡେପୁଟି କଲେକ୍ଟର ହୋଇଥାନ୍ତେ ଓ ହୋଇଥିଲେ ପ୍ରାୟ ଛାପାଖାନାର କାର୍ଯ୍ୟ କରିପାରି ନ ଥାନ୍ତେ ଓ ସ୍ଥାନାନ୍ତର ହୋଇଥିଲେ ତାହା ଅଦ୍ୟୋ ଦେଖିପାର ନ ଥାନ୍ତେ । ଫଳତଃ ଛାପାଖାନା ଓ ଉତ୍କଳ ସଭାର ସମ୍ପାଦକ କର୍ମଯୋଗେ ସେ ଯେଉଁ ଉତ୍କଳସାହିତ୍ୟ ଓ ଦେଶର ଉନ୍ନତି ଓ ଉପକାର କରିଅଛନ୍ତି ସେ ସବୁ କହି କରିପାର ନ ଥାନ୍ତି ଏବଂ ତାଙ୍କର ଯେପରି ଯଶ ଓ ନାମ ହୋଇ ଅଛି ସେପରି ହୋଇ ନ ଥାନ୍ତା । ସମ୍ପ୍ରତି ଉତ୍କଳବାସୀ ଜନସାଧାରଣଙ୍କ ସମକ୍ଷେ ତାଙ୍କର ନାମ ପ୍ରସିଦ୍ଧ ଥାଇ, ପ୍ରାୟ କେହି ନ ଜାଣି ନାହିଁ ଉତ୍କଳ ଭିନ୍ନ ଭାରତଭୂମିର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ସେ ପରିଚିତ ଅଛନ୍ତି ।

ଡେପୁଟି ଅବା ସବଜଜ ହୋଇଥିଲେ ସେ ଏହି ଦେଶୋପକାର ଓ ହିତସାଧନ କରିପାର ଥାନ୍ତେ ନା ଏତେ ନାମ କରିପାର ଥାନ୍ତେ । ଅନେ ତାଙ୍କ କର୍ତ୍ତବ୍ୟକୁ ଜାଣି ଅନେ କ ତାଙ୍କଠାରେ ଋଣୀ । ହୋଇପାରେ ମନୁଷ୍ୟ ଭାବ ତାଙ୍କର ଅନ୍ୟ ଦୋଷ ସେ ଥାଇ ନାନାଲୋଭ ହୋଇ ନାହାନ୍ତି ନାହିଁ । ଅର୍ଥ ଓ ଯଶ ଲୋଭରେ ଯେ ଯେ ଏପରି କାର୍ଯ୍ୟମାନ କରିଅଛନ୍ତି କଦାପି କହି କେବଳ କର୍ତ୍ତବ୍ୟ ଜ୍ଞାନରେ । ଯେ ସ୍ୱୟଂ କର୍ତ୍ତବ୍ୟପରାୟଣ ହେବ ଶେଷରେ ତାଙ୍କୁ ଫଳ ଦେବେଇ ଦେବେ । ଅନ୍ୟମାନେ ତାଙ୍କ ପରି କର୍ତ୍ତବ୍ୟପରାୟଣ ହେଲେ ଦେଶୋନ୍ନତିର ସୀମା ନ ରହିବ । ଅତଏବ ନବ ଶିକ୍ଷିତ ଦଳ ତାଙ୍କର ଅନୁଗାମୀ ହୋଇ ନୂତନ ଭୂୟ ହିତସାଧନ ଏବଂ ଅର୍ଥ ଓ ଯଶ ଅର୍ଜ୍ଜନ କରନ୍ତୁ ।

ଶ୍ରୀ ଜଗନ୍ମୋହନ ଲାଲ

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ବାଲେଶ୍ୱରର ମାଜିଷ୍ଟ୍ରେଟ ଓ କଲେକ୍ଟରଙ୍କ ପ୍ରଥମ ପୂର୍ଣ୍ଣକୁମାର ଅପ୍ପୁଙ୍କ ୧ମ ଶ୍ରେଣୀର ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟରଙ୍କ ପଦରେ ନିଯୁକ୍ତ ହେଲେ ।

ଗୋପାଳର ଅସିଷ୍ଟାଣ୍ଟ ସୁପ୍ରିଣ୍ଟେଣ୍ଡ ମିଃ ଜେ, ଡ଼ି, କନ୍ଷ୍ଟବଲ ଷ୍ଟେଟ ଦୁଇ ଗୋପାଳ ବିଭାଗର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ ହେଲେ ।

ଚାନ୍ଦବାଲିର ସବଡିଭିଜନ ଡେପୁଟି ଏସ. ଓ ଘୋଷେଲ ଷ୍ଟେଟର ଗୁପ୍ତଲେଖ ପଦରେ ନିଯୁକ୍ତ ହେଲେ ।

ଷ୍ଟେଟ ରେଭିନ୍ୟୁ ବୋର୍ଡର ଶ୍ରୀ ଗୋପାଳ ବାବୁ କଟକ-ଜଙ୍ଗଲ ଗୁପ୍ତ ତହସିଲଦାର ଛୁଟି ପାଇଲେ ।

ବାବୁ ଚନ୍ଦ୍ରନାଥ ବାସ ଷ୍ଟେଟ ତଳର ଅସିଷ୍ଟାଣ୍ଟ କଲେକ୍ଟର ଦ୍ୱିତୀୟ ପଦରେ ନିଯୁକ୍ତ ହେଲେ ।

ବାବୁ ଶରତ୍ଚନ୍ଦ୍ର, ବାବୁଜି ରାଉତ ସ୍ଥାୟୀ ଡେପୁଟି ଅତିରିକ୍ତ ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହେଲେ ୪ ର୍ଥ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପାଇଲେ ।

ବାବୁ ନରସିଂହ ମହାନ୍ତିଙ୍କ ସ୍ଥାନରେ ଜେଲ୍ଲାପଡ଼ା ସ୍ୱଜାତ ଡେପୁଟି ଅତିରିକ୍ତ ମାଜିଷ୍ଟ୍ରେଟ ପଦର ଦାୟିତ୍ୱ ଷ୍ଟେଟସ ବାହାଦୁର ଗ୍ରହଣ କଲେ ।

ଷ୍ଟେଟ ତଳ ସ୍କୁଲ ଇନ୍ସପେକ୍ଟର ସବ୍ ଇନ୍ସପେକ୍ଟରଙ୍କ ମୌଲବି ନଜିବୁଲ ହକ ଡେପୁଟି ଇନ୍ସପେକ୍ଟର ସ୍କୁଲର ଅସିଷ୍ଟାଣ୍ଟ ମାଷ୍ଟର ପଦରେ ନିଯୁକ୍ତ ହେଲେ ।

ଷ୍ଟେଟ ସ୍କୁଲ ସମ୍ବନ୍ଧର ଜେସୁଇଟ ଇନ୍ସପେକ୍ଟର ବାବୁ ରମାନାଥ ଦାସ ଅଷ୍ଟମ ଶ୍ରେଣୀର ଗ୍ରେଡ ଛୁଟି ପାଇଲେ ।

ହିନ୍ଦୁର ହିନ୍ଦୁ ଲକ୍ଷ୍ମୀନାରାୟଣ କଲେଜର ଅଧ୍ୟାପକ ବାବୁ ଜାନକୀନାଥଙ୍କ ସ୍ଥାନେ ଷ୍ଟେଟ ସଂସ୍କୃତ ଶିକ୍ଷକ ସ୍ଥାନ ପଦରେ ନିଯୁକ୍ତ ହେଲେ ।

ଉତ୍ତମ ଲେଖକ ଯୋଗ୍ୟ ଜେଲଖାନାର ପଦରେ ସେ ଠା ସବଜଜରଙ୍କ କର୍ମଚାରୀ ଡେପୁଟି ଇନ୍ସପେକ୍ଟର ତାହାଙ୍କର ମଞ୍ଜୁର କରିଅଛନ୍ତି ।

## ସ୍ଥାନୀୟ ସମ୍ବାଦ

ଏ ସପ୍ତାହସାର ବର୍ଷା ଥିଲି ଏ ସହରରେ ଜଳର ବୃଷ୍ଟି ହୋଇଅଛି । ଏ ଜଳ ପଡ଼ିଥିଲେ ହୋଇଥିବାର ଜଣାଯାଏ । ଏକମାସ ହେବ ଏପରି ହୋଇଥିଲେ କେତେ ଅଧିକ ଲାଭ ହୋଇଥାନ୍ତା ।

ମଧୁସୂଦନ, କେନ୍ଦ୍ରାପଡ଼ା, ବେଡ଼, ଚାନ୍ଦବାଲି, ଯାଜପୁର, ଏପରି ସ୍ଥାନରେ ଏହି ସମୟ ବନ୍ୟାରେ ଶସ୍ୟ କ୍ଷତି ହୋଇଅଛି ଏ ଜଳ ଅଧିକ ଦିନ ରହିଲେ ଅଧିବାସୀଙ୍କ ସମ୍ପଦରେ କ୍ଷତି କରିବ । ଏହିପରି ସ୍ଥାନ ହିସାବ ଗ୍ରହଣ କରି ଗଭର୍ଣ୍ଣମେଣ୍ଟ ଦୃଷ୍ଟି ଦେବାକୁ ପ୍ରାର୍ଥନା କରୁଅଛୁ ।

କଟକର "ବ୍ୟାମେଲ ମେଡ଼ିକେଲ ସ୍କୁଲର ଛାତ୍ର, ଜଣେ ମେଡ଼ିକେଲ ଷ୍ଟେଟ ସ୍କୁଲରୁ ଅଧ୍ୟୟନ ସମାପ୍ତ କରି ଏ ୨୬ ଟଙ୍କା ବେତନରେ ନିଯୁକ୍ତ ହେଲେ ।

ଅଧ୍ୟକ୍ଷ ଡାକ୍ତର ଗ୍ରହଣ 'ଅଭିଯୋଗ' ଦେଖିଲେ ସେ ଗ୍ରାମ ସ୍ଥାନ ଯୋଗ୍ୟ ନ ରଖି ଶ୍ରୀ ବଳଭଦ୍ର ଅଧିନାୟକଙ୍କ ଜେଲର ମହୋଦୟ ଉଚ୍ଚ ଶୋଭନୀୟ ସ୍ଥାନରେ ପଦବୀର ଓ ଡାକ୍ତରଖାନା ବାଲିଶ ଶୋଭାଯାତ୍ରାରେ ସେପରି କର ସ୍ୱୀକାର କଲେ ।

ସୁବର୍ଣ୍ଣରେଖା ନଦୀରେ ଜଳ ଅଧିକ ବଢ଼ିଲା ଜମିଦାରମାନେ ସାତ୍ତ୍ୱିକ ଭାବ ଅଭାବରେ ଏଠା କୃଷକ ଦଶାରେ ପ୍ରାଣରକ୍ଷା ଅନେକ ପାଉଅଛି ।

ଗଞ୍ଜାମ ଜିଲ୍ଲାର ଅଧିବାସୀ ସବୁଠାରେ ପ୍ରଜାମାନଙ୍କ ଦାନ ୫ ୧୯୦୮ ସାଲ ପଡ଼ିଅଛି ଏବଂ ଦୁର୍ଭିକ୍ଷ ଯୋଗୁ ଗ୍ରାମର ପରିବାର ଜାତି ଭଗବାନ୍ ଥିବା ସ୍ଥାନର ଅଭିଯୋଗ

କ୍ରମେ ରାଜନୈତିକ ଉନ୍ନତିକୁ ଯିବା ଦେଶ, କଟକର ଓ ଦକ୍ଷିଣ ଉତ୍ତରାଂଶର ସହର ଅନ୍ତର୍ଗତ ସମସ୍ତ କାର୍ଯ୍ୟ ଭାର ବହନ କରିବାକୁ ସ୍ୱୀକାର କରିଅଛନ୍ତି । ଉ: ବା:

ଏ ଦେଶର ଅଭିଷେକ ବର୍ଷ ଆନନ୍ଦରେ ବହୁ ପଟ୍ଟ ବର୍ଷ ବୋର୍ଡ଼ ସେଟଲ୍ମେଣ୍ଟ ବ୍ୟବହାର କରି ସେମାନଙ୍କ ଅଧିକାର ଅନେକ ହୋଇଅଛି । ଗଭର୍ଣ୍ଣମେଣ୍ଟଙ୍କ ମତରେ ଏହି ଗୌରବର କଥା । ମାତ୍ର ଇଂରାଜ ଗଭର୍ଣ୍ଣମେଣ୍ଟ ସେ ଅମଲର ସମ୍ବାଦ ଲେଖା ଉପରକୁ ଓ ପାଇବା ବନ୍ଦୋବସ୍ତ କରିଅଛନ୍ତି ତାହା କିପରି ?

ବାଲେଶ୍ୱର ସହରରେ ଭୀଷଣ ସ୍ୱଳ୍ପ ଜଳ ବୃଷ୍ଟି ହୋଇଅଛି । ଅଧିକାଂଶ ଜମିରେ ମଧୁବନ ଓ ଧାନ ନାହିଁ ଚାଷ ହୋଇ ନାହିଁ । ଗୋଟିଏ ମଫସଲ ପ୍ରଜାଙ୍କୁ ଖାଦ୍ୟ ଦେବା କଷ୍ଟ ହେଉଅଛି । ଏଣେ ବାଲେଶ୍ୱରରେ ଚଢ଼ିବା କଷ୍ଟ ହେବାକୁ ଲାଗିବ ଜାଣନ୍ତୁ । ଉ: ବା:

ବାଲେଶ୍ୱରର ସେହି ସ୍ଥାନୀୟ ମେଳାରେ ସୁବର୍ଣ୍ଣ ଜନ୍ମୋତ୍ସବର ଆନନ୍ଦିତ କରିଥିଲେ ସେମାନେ ଦଶହରା ପର୍ବରେ ୫। ୧୬ ତାରିଖ ଉପରେ ଏ ମାସ ଲେଖାଏ ମିଳନ ପାଇଥାନ୍ତି । ସ୍ୱ: ବା: ।

## ଯାଜପୁର ସମ୍ବାଦ ।

ଅଧିକାଂଶ ଚାଷୀଙ୍କ ଧାନ ହୋଇ ନାହିଁ । ଯାହା ଏକ ଅଣ୍ଟା ଧାନ କରିଥିଲେ ତାହା ବନ୍ୟାରେ 'ବୁଡ଼ିଯାଇଅଛି' ଫଳରେ ଅବସ୍ଥା ଶୋଚନୀୟ ।

ଜାଜପୁର ମହାକାଳ ପଡ଼ାରୁ ଆଜି ଟଙ୍କାରୁ ସେ ୧୨ ର ଓ ଷୋହଳ ସେ ଥାନ ର ହୋଇଅଛି ।

କେତେକ ଗ୍ରାମ ଲୋକ ଧାନ ଖାଇ ରହିବାକୁ ଗଲେ ଅନାହାର ଦଶା ହେବାରୁ ଅନେକ ଭିକ୍ଷୁକଙ୍କର ପୁଣି ଜନ ଏଠା ବଜାରରେ ଆସିଲେ ଖାଇ ନ ପାରି । ସବଡିଭିଜନ ମାଜିଷ୍ଟ୍ରେଟ ଗଞ୍ଜାମରେ ସେ ମହାଜନମାନଙ୍କୁ ଧାନ ଉଧାର ଦେଉଅଛନ୍ତି ଓ ମହାଜନମାନଙ୍କ ଥାକ ବନ୍ଦ ନ କରି ଦେଶୀୟମାନଙ୍କୁ ଧାନ ଦେବାକୁ ଆଜ୍ଞା ଦେଇ ନାହିଁ । ମୋକଦ୍ଦମାର ପ୍ରେସିଡେଣ୍ଟମାନଙ୍କ ଠାରୁ ସେହି ଅନୁରୋଧ ପତ୍ର ପଠାଇବାର ଅନେକ ଦେଉଅଛନ୍ତି ।

ଅନେକ ଗ୍ରାମ ଚାଷବାସ ଏବ ଜଙ୍ଗଲ କାଟି ଦେବାକୁ ସର୍ପମାନେ ଗ୍ରାମରେ ପଶି ସମସ୍ତେ ଦଂଶନ କରୁଥିବାରୁ ସମସ୍ତ ଗ୍ରାମବାସୀ ରାତ୍ର ସର୍ପ ଭୟରେ ସନ୍ଧ୍ୟାରେ ଘରଦ୍ୱାରରେ ଶୟନ କରି ନ ପାରି ଘର ବାହାରେ ଉଜାଗର ହୋଇ ରହୁଅଛନ୍ତି । ଡାକ୍ତର ଦଳୁଙ୍କ ଅଭାବ ପ୍ରତିକାର ସମସ୍ତେ ଶୁଣି ଆଶା ମାତ୍ର ଉତ୍ତର ଉପକାର କେହି ଶୁଣି ନ ଥିଲେ ।

ଯୁଦ୍ଧ ଅନନ୍ତର, ଭାଗ ଦ ଏ ଏଠା ହାଟ ଓ ସ୍କୁଲର ଅଭିଷେକ ହେଡ଼ମାଷ୍ଟର ଥିଲେ । ସେ ଏଠାରୁ ସ୍ଥାନାନ୍ତରିତ ଓ ତାଙ୍କ ଲାଗି କେତେ ଶ୍ରେଣୀ କେହି ପ୍ରାର୍ଥୀ ନ ହେବାରୁ ପଣ୍ଡିତଙ୍କୁ ନିଯୁକ୍ତ କରାଯାଇ ଏବ ନିଯୁକ୍ତ ହୋଇ ଅଛନ୍ତି ।

ରେଳଷ୍ଟେସନ ଘରବାହାର କେତେକ ପାନ ଦୋକାନ ଓ ଲୋକମାନଙ୍କ ବାସ କରନ୍ତି ସେ "ଗ୍ରାମମାନ୍ୟ" ଲୋକରେ ଏପରି ଦୋଷ ଅନ୍ୟାୟାଚାରୀ ଗ୍ରାମବାସୀଙ୍କ ଅଭିଯୋଗ କରିଥିଲେ । ପୁଲିସ ସେମାନଙ୍କ ବିରୁଦ୍ଧରେ ଫୌଜଦାରୀ କାର୍ଯ୍ୟ ଅନୁସାରେ ୧ ୧୧୦ ଧାରା ମକଦ୍ଦମା ଦାୟର କରିବାକୁ ଗ୍ରାମବାସୀମାନେ ଜେଲ୍ଲାରେ ହୋଇ ଅଛି ସାକ୍ଷୀ ଦେଇ ନ ପାରି ତାଙ୍କଠାରେ ବାଧ କରୁଅଛନ୍ତି । ଏଥିରେ ପୋଲିସର ଲାଭ ଥିବ କାହିଁ ।

## କେନ୍ଦ୍ରାପଡ଼ା ସମ୍ବାଦ ।

ଗତ ସୋମ ଓ ମଙ୍ଗଳବାର ଭୀଷଣ ବୃଷ୍ଟି ହୋଇଅଛି ଫଳରେ ସମ୍ପୂର୍ଣ୍ଣରୂପେ ଦୁର୍ଭିକ୍ଷ ହୋଇ ନାହିଁ । ଏହାପରେ ଚାଷୀ ଓ ଅନ୍ୟମାନେ ବୃଷ୍ଟି ହେବେ ଯାଠ ଦଶ ଦିନ ପରେ ଜଳର ଲାଭ କରାଯାଇ ପାରେ ।

ଗତ ତା ୨୮ ଦିନରେ ଏଠା ଜଳ ଚାଉଳ ଦୁଇ କଟି ସ୍ୱେଚ୍ଛାସେବୀ ବାବୁ ଶ୍ରୀ ସାହୁଙ୍କ ପୁତ୍ର ଦ, ଏବ

Digitized by srujanika@gmail.com

ସହକାରୀ ପ୍ରଧାନ ଶିକ୍ଷକ ପଦରେ ନିଯୁକ୍ତ କରି ଯାଉଛନ୍ତି । ଓଡ଼ିଶାରେ ବ, ଏ ନାହାନ୍ତି ପ୍ରଥିଲେ, ଏ ପଦ ଉମେଦ୍ୱାର ପ୍ରାର୍ଥୀ ନ ହେବାର କୌଣସି କାରଣ ଜଣା ପଡୁନାହିଁ ।

ଗତ ତା ୩୦ ରଖରେ ଶିକ୍ଷାବିଭାଗର ଇନସପେକଟର ସାହେବ ଦେଇ ଓ ସବଇନସପେକ୍ଟରଙ୍କ ସହିତ ଏ ଜଗ ... ବିଦ୍ୟାଳୟମାନ ପରିଦର୍ଶନ କରି ଫେରି ଯାଇ ଅଛନ୍ତି ।

ଉତ୍କଳ ପ୍ରଚାରିଣୀ ସଭା ଶ୍ରୀଯୁକ୍ତ କୁମାର ମନ୍ମଥନାଥ ମିତ୍ର ... ଓଡ଼ିଆ ... ତା ୩୧ ରଖରେ ... [illegible]

ଗତ ମାସ ତା ୨୦ ରଖରେ ... ଜଣେ ... ଶ୍ରୀ ... ତା ୪୩୦ ଓ ୪୬୧ ... ଆଗାମୀ ... ହୋଇଅଛି ।

## ପୁରୀ ସମ୍ବାଦ ।

ଗତ ... ମୋକଦ୍ଦମା ... କରୁଅଛନ୍ତି ।

ଏ ସପ୍ତାହରେ ... ହୋଇଅଛି । ... ୧୨ ତା ୧୬ ତା ଓ ... ହେଲାଣି ... ଆଶ୍ରମରେ ... ଶହେ ... ଯାଉଛି ।

ଏ ସପ୍ତାହରେ ... ହେଉଅଛି । ... ପ୍ରକୃତି ... ।

ଅର୍ଦ୍ଧେକ ... ପାଣି ... ହୋଇଅଛି । ... ହୋଇଅଛନ୍ତି ।

ସାଧାରଣ ସ୍ୱାସ୍ଥ୍ୟ ଭଲ ଅଛି ।

## ସମ୍ପାଦକଙ୍କ ପତ୍ର ।

ଗ୍ରାମ୍ୟଜୀବନ ... Union club ... ହୋଇଅଛି ... [illegible]

ଶ୍ରୀ — ... ଶ୍ରୀ ... [illegible]

ଶ୍ରୀ ... (Hindostan Review) ... [illegible]

ଶ୍ରୀ ... [illegible]

କୋଧ ... ପାରି ନାହାନ୍ତି । ... ହୋଇଛି । ... [illegible]

ଶ୍ରୀ ... ଅଟେ ... ପୃଥକ୍ ।

ଶ୍ରୀ ... ହେଲା ।

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ଶ୍ରୀ | ... | ... | ୫ ୧ |
| | ... | ... | ୫ ... |
| „ | ... | କଟକ | ୫ ୧ |
| „ | ... | „ | ୫ ୧ |
| „ | ... | ... | ୫୦ |
| „ | ... | ... | ୫ ୧ |
| „ | ... | ... | ୫ ... |
| „ | ... | କଟକ | ୫ ୧ |
| „ | ... | „ | ୫ ୧ |

## ADVERTISEMENT

Srimati Lakshmi Rani, the proprietress of Killa Darpan, District Cuttack, having been declared disqualified to manage the Estate by the Hon'ble Board of Revenue in their order dated 28-8-06, the estate is to be brought under the management of the Court of Wards.

Creditors and other persons having claims against the Estate are hereby invited to appear and submit a correct account of their respective claims on or before the 20th December 1906 for my consideration and order. No claim will be admitted after expiry of that date unless it be proved in a Court of Justice.

Cuttack Collectorate 6-9-06 } T. R. Godfrey for Collector

## ବଜାର ଦର

| | | | |
|---|---|---|---|
| ... | ମ ୧ କୁ | ୫ ... | ... ସେ ୧ |
| ... | ମ ୧ କୁ | ୫ ... | ... ସେ ୧ |
| ... | ମ ୧ କୁ | ୫ ... | ... ସେ ୧ |
| ... | ମ ୧ କୁ | ୫ ... | ... ସେ ... |
| ... | ମ ୧ କୁ | ୫ ... | |
| ... | ମ ୧ କୁ | ୫ ... | ... ସେ ... |
| ... | ମ ୧ କୁ | ୫ ... | ... ସେ ... |
| ... | ମ ୧ କୁ | ୫ ... | ... ସେ ... |
| ... | ମ ୧ କୁ | ୫ ... | ... |
| ... | ମ ୧ କୁ | ୫ ... | ... ସେ ୧ |
| ... | ମ ୧ କୁ | ୫ ... | ... ସେ ... |
| ... | ମ ୧ କୁ | ୫ ... | ... ସେ ୧ |
| ... | ମ ୧ କୁ | ... | ... ସେ ୧ |
| ... | ମ ୧ କୁ | ୨୧୦ | ... ସେ ... |
| ... | ମ ୧ କୁ | ... | ... ସେ ... |
| ... | | | ... |
| ... | ୫ ୧ କୁ | ... | ... ସେ ୧ |
| ... | ମ ୧ କୁ | ... | ... ସେ ୧ |
| ... | ମ ୧ କୁ | ... | ... ସେ ୧ |
| ... | ମ ୧ କୁ | ... | ... ସେ ୧ |
| ... | | | ... |
| ... | | | ... |
| ... | | | ... |
| ... | ମ ୧ କୁ | ... | ... ସେ ୧ |

ଉତ୍କଳ ... } ଶ୍ରୀ ... କଟକ } ଶ୍ରୀ ...

## ବିଜ୍ଞାପନ ।

ଯେହେତୁ କଟକ ଥାନା ... ଉପର ସରକାରୀ ପାରମିଟ ହାଉସ କଲକ୍ଟର ... ହାଉସ (ପାଉଣ୍ଡ) ସନ ୧୯୦୬ ମସୀହା ଅକ୍ଟୋବର ମାସ ତା ୧ ରଖଠାରୁ ସନ ୧୯୦୭ ମସୀହା ମାର୍ଚ୍ଚ ମାସ ତା ୩୧ ରଖ ପର୍ଯ୍ୟନ୍ତ ୬ ମାସ ନିମନ୍ତେ ସନ ୧୯୦୬ ମସୀହା ଡିସେମ୍ବର ମାସ ତା ୨୦ ରଖ । ... ସନ ୧୩୧୪ ସାଲ ... ମାସ ... ବେଳା ... ସମୟରେ ... ଲୋକେଲ ବୋର୍ଡ ଅଫିସରେ ଶ୍ରୀଯୁକ୍ତ ... ଚେୟାରମେନ ବାବୁଙ୍କ ସମୟରେ ... ନିଲାମ ... ସର୍ବସାଧାରଣଙ୍କୁ ଜଣାଇ ... ଯେଉଁମାନେ ... ନିଲାମରେ ... ନିଲାମ ସ୍ଥାନରେ ଉପସ୍ଥିତ ହୋଇ ... ଓ ... ନିଲାମ ... ଦାଖଲ କରିବେ ଓ ... ଦାଖଲ ... ଆଗାମୀ ... ହେବ ... ନିଲାମ ... ଅନୁସାରେ ... ଲେବି ... ଲୋକେଲବୋର୍ଡ ଅଫିସରେ ... ପାଇବେ ।

... ହେବନ ... ଜମା ... ଦେଇ ... ଉପଯୁକ୍ତ ସମୟ ମଧ୍ୟରେ ... ଦାଖଲ ନ କଲେ ... ହେବ ।

ଥାନା କଟକ

୧ । ... ପାଉଣ୍ଡ

G. Chowdhury
Chairman

Split by PDF Splitter
Digitized by srujanika@gmail.com

# ବିଜ୍ଞାପନ ।

## କଠିନ ପରୀକ୍ଷାରେ ସିଦ୍ଧାନ୍ତ

### ପାଦ୍ରି ଉଅବ୍ୟର୍ଥ ମହୌଷଧ;—

[illegible]

ମୂଲ୍ୟ [illegible]

### ବାଚ୍ଚୁର ମହୌଷଧ;—

[illegible]

ମୂଲ୍ୟ [illegible]

### ବଲ୍ଲରକ୍ଷଣ ବା ବଲ୍ଲବର୍ଦ୍ଧକ;—

[illegible]

ମୂଲ୍ୟ [illegible]

[illegible]

ପ୍ରାପ୍ତିସ୍ଥାନ ।

[illegible]

ଉତ୍କଳପ୍ରେସ, [illegible]

ବାଲେଶ୍ୱର

ଭଞ୍ଜପୁର ଜବାଣୀ କବିରାଜ ଶ୍ରୀ ଲକ୍ଷ୍ମଣଦେବ ମହାପାତ୍ରଙ୍କର ଆବିଷ୍କୃତ [illegible]

## ଅବ୍ୟର୍ଥ ମହୌଷଧ ।

[illegible]

ପ୍ରାପ୍ତିସ୍ଥାନ—କବିରାଜ ଶ୍ରୀ ଲକ୍ଷ୍ମଣଦେବ ମହାପାତ୍ର

ଆୟୁର୍ବେଦଦଶାଳୟ ।

ପିଉଣ୍ଟିବଜାର, କଟକ ।

ପ୍ରଶଂସାପତ୍ର ପଥକରେ

[illegible]

Sd. Sudam Chandra Naik,
Asstt. Supdt. of Tributary
Mahals.

[illegible]

[illegible]

Sd. Gourshyam Mahanit
Govt Agent,
of Nayagarh.

7-11-05

## IT'S SO EASY TO NEGLECT THAT COLD !

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon Major Jayakar says:—That it is, a safe and reliable remedy.

Batliwalla& Co's Cholerol, specific tor cholera and Batliwalla's Ague Mixture or Pills, may be had of Dr. H. L. BATLIWALLA's. Worli—Dadar Bombay and everywhere.

At Re. 1 per bottle Discount to the trade.

## ବିଜ୍ଞାପନ




## ଜଟୀପ ଓ ନକ୍ସାର ଯନ୍ତ୍ର ବିକ୍ରୟ ।



[illegible]

M. R. Day & Bros. 29, RadhaBazar Calcutta

[illegible]

M. R. Day and Bros.
29 Radhabazar
Calcutta

## [illegible]

[illegible]

M. R Day & Bros. 29, RadhaBazar Calcutta


Digitized by srujanika@gmail.com

# ଅତି ଆଶ୍ଚର୍ଯ୍ୟ ଗୀତଯନ୍ତ୍ର ।



ଏତଦ୍ଦ୍ୱାରା ଆମ୍ଭେମାନେ ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ଆମ୍ଭେମାନେ ଗ୍ରାମୋଫୋନ ବିକ୍ରୟାର୍ଥେ ଏଠାରେ କଟକ ବାଲୁବଜାର ଯୁମାମସଜିଦ ନିକଟରେ ଗୋଟିଏ ଦୋକାନ ଖୋଲିଅଛୁଁ । ଏଠାରେ ନାନା ପ୍ରକାର ଗୀତଯନ୍ତ୍ର ଓ ସର୍ବପ୍ରକାର ଗୀତର ରେକର୍ଡମାନ ଉଚିତ ଦରରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ପ୍ରକାଶଥାଉ କି ଆମ୍ଭେମାନେ ବହୁ ଅର୍ଥ ବ୍ୟୟରେ ଓଡ଼ିଆ ଗୀତର ରେକର୍ଡ ପ୍ରସ୍ତୁତ କରାଇଅଛୁଁ । ଗ୍ରାହକବର୍ଗ ଅତିଶୀଘ୍ର ଆମ୍ଭମାନଙ୍କୁ ଅର୍ଡର ଦେଇ ବାଧିତ କରିବେ ।

ପ୍ରୁଷ୍ଟି ମୁଖାର୍ଜି ଏଣ୍ଡ କୋମ୍ପାନି
ବାଲୁବଜାର
କଟକ

TRADE MARK
"GRAMOPHONE"

PRUSTY MUKHERJEE
& Co.
BALUBAZAR
CUTTACK



## AN UNEXPECTED OFFER!



A **Burma** Timepiece to be given FREE to every Purchaser of this watch **Gentleman Watch,** keyless, jewelled **Strong,** medium size, 36 hours timekeeper. Gtd. for 4 years. Price Rs. 4-8. postage As. 8, extra glass & spring free.

S SEN & Co. 8-2, *Ramkrishna, Bagchi's Lane P. O. Beadon Sqr. Calcutta.*



# ପ୍ରେସ ବିଜ୍ଞାପନ ।

ଆମ୍ଭେ ଏତଦ୍ୱାରା ପ୍ରେସର ସ୍ୱତ୍ୱ କ୍ରୟ କରି ଗ୍ରାହକଙ୍କ ସୁବିଧା ନିମନ୍ତେ ପ୍ରେସ ସ୍ଥାପନ କରିଅଛୁଁ । ଓଡ଼ିଆ, ଇଂରାଜୀ, ଓ ଦେବନାଗରୀ, ଅକ୍ଷରରେ ଫର୍ମ, ଚେକ, ପୁସ୍ତକାଦି ସୁନ୍ଦରରୂପେ ଅଳ୍ପ ମୂଲ୍ୟରେ ମୁଦ୍ରିତ ହୋଇ ଗ୍ରାହକମାନଙ୍କ ଇଚ୍ଛାନୁଯାୟୀ ଦିଆଯାଉଅଛି । ଏହି ପ୍ରେସରେ ନାନା ପ୍ରକାର ଉତ୍ତମ ବ୍ଲକ, ଟାଇପ, କଣ୍ଟ୍ରାକ୍ଟ ପ୍ରଭୃତି ଥିବାରୁ ଗ୍ରାହକମାନେ ସନ୍ତୋଷଜନକ କାର୍ଯ୍ୟ ପାଇପାରିବେ । ଗ୍ରାହକ ଇଚ୍ଛାନୁଯାୟୀ ପୁସ୍ତକ ବାନ୍ଧି ଦିଆଯାଇ ପାରେ ।

ଶ୍ରୀ ଶୁକଦେବ ରାମ
ଭଗ୍ନାରକଡ଼ି, କଟକ ।



## WANTED

All to know that :—

The light of Asia Life Assurance Society, Limited

Head office :—VIZAGAPATAM

is neither a Provident Fund nor a so. called LIFE ASSURANCE Co.

Incorporated under the Indian Companies Act VI of 1882 and XII of 1895.

CAPITAL Rs. 50000.

Funds invested in the Indian Government Security only

The Society has been started chiefly to place the benefits of Assurance within the reach of middle and poor class of people Assurances are granted on most approved and scientific Systems; Whole Life, Limited, payments and Endowment from 50 to 500 Rs

Children's Endowment most attractive and profitable. All policy holder participate in the profits of the society divided once in three years

Loans granted on the security of the Policy. The rates are very low. For further particulars Prospectus and forms &c. Apply to —

General Manager

Wanted English knowing influential Agents. Liberal Salary and Commission.

### ସତର୍କତା ।

ଲାଇଟ ଅଫ ଏସିଆ ଲାଇଫ ଏସିଓରେନ୍ସ କମ୍ପାନୀ ରେଜିଷ୍ଟ୍ରି ।

ଏହା ପ୍ରଭିଡେଣ୍ଟ ଫଣ୍ଡ କିମ୍ବା ତଥା କଥିତ ଲାଇଫ ଏସିଓରେନ୍ସ କମ୍ପାନୀ ନୁହେ ।

### ହେଡ୍ ଅଫିସ ଭିଜାଗାପଟମ ।

ଇଣ୍ଡିଆ କମ୍ପାନୀ ଏକ୍ଟ ଅନୁସାରେ ସନ ୧୮୮୨ ମସିହା ଅ ୬ ଧାର ଏବଂ ସନ ୧୮୯୫ ମସିହାର ଅ ୧୨ ଧାରାନୁସାରେ ରେଜିଷ୍ଟ୍ରି ।

### ମୂଳଧନ ଟ ୫୦୦୦୦ ଟଙ୍କା

ଟଙ୍କା ଇଣ୍ଡିଆ ଗଭର୍ଣ୍ଣମେଣ୍ଟ ସିକ୍ୟୁରିଟି କାଗଜରେ ଖଟିଛି ।

ମଧ୍ୟବିତ୍ତ ଏବଂ ଗରିବ ଶ୍ରେଣୀର ଲୋକମାନଙ୍କ ଏସିଓରେନ୍ସ କମ୍ପାନୀର ଲାଭର ଫଳଭୋଗୀ କରାଇବା ନିମନ୍ତେ ଏହି କାରବାର ଆରମ୍ଭ କରା ହୋଇଅଛି । ସର୍ବ ସ୍ୱୀକୃତ ଏବଂ ବୈଜ୍ଞାନିକ ମତ ଅନୁସାରେ ଆଜୀବନ କିମ୍ବା ନିର୍ଦ୍ଦିଷ୍ଟ ପରିମାଣ ଅବଧି ଏବଂ ଟ ୫୦ ଟଙ୍କାଠାରୁ ଟ ୫୦୦ ଟଙ୍କା ପର୍ଯ୍ୟନ୍ତ ଏଣ୍ଡାଉମେଣ୍ଟ ସହିତେ ଏସିଓରେନ୍ସ କରାଯାଏ । ପିଲାମାନଙ୍କର ଏଣ୍ଡାଉମେଣ୍ଟ ଅତ୍ୟନ୍ତ ଚିତ୍ତାକର୍ଷକ ଏବଂ ଲାଭଜନକ । ଏହି କମ୍ପାନୀର ସମସ୍ତ କାଗଜ ସ୍ୱତ୍ୱାଧିକାରୀମାନେ ତିନି ବର୍ଷରେ ଏକଥର ବଣ୍ଟନ ହେଉଥିବା ଲାଭର ଅଂଶୀଦାର ହୋଇଥାନ୍ତି । ଉପରୋକ୍ତ କାଗଜ ବନ୍ଧକ ରଖି ଅତି ଅଳ୍ପ ସୁଧରେ ଟଙ୍କା ଧାର ଦିଆହୋଇଥାଏ । ବିଜ୍ଞାପନ ଫାରମ ଏବଂ ଅନ୍ୟାନ୍ୟ ବିଷୟ ଜାଣିବାକୁ ଇଚ୍ଛା କଲେ ନିମ୍ନ ଠିକଣାରେ ଆବେଦନ କରନ୍ତୁ

ଜେନେରଲ ମେନେଜର

ଇଂରାଜୀ ଜାଣିଥିବା ପ୍ରତିପତ୍ତିଶାଳୀ ଏଜେଣ୍ଟ ଆବଶ୍ୟକ ସେମାନେ ଯଥେଷ୍ଟ ବେତନ ଓ କମିସନ ପାଇବେ ।



# ବିଜ୍ଞାପନ ।

# ନେତ୍ରାମୃତ ।

ଚକ୍ଷୁର ଶିଙ୍ଗ ବନ୍ଧା ଅନ୍ଧତା ପରଳ ଅଦେଖା ହେବା, ଦିନ ଓ ରାତ୍ରି ଅନ୍ଧତ୍ୱ, ଲାଲଚକ୍ଷୁ ଲୋତକ ବହୁତ ଦିନରୁ ଭଲ କରୁଅଛନ୍ତି । ୧ ଶିଶି ଟ ୧୯ ଟଙ୍କା ମାତ୍ର । ମଫସଲରେ ୧ ଶିଶି ଟ ୪୧ ମାତ୍ର

# ଅବଯୌତିକ ମୃତବତ୍ସା କବଚ ।

ଗର୍ଭିଣୀ ଓ ସଦ୍ୟୋଜାତ ଶିଶୁର ଧାରଣରେ ଅଷ୍ଟମ ବାହୁଲରେ ପ୍ରସବଗର୍ଭ ଓ ସନ୍ତାନରକ୍ଷା ହେବ । କବାଚ ଗର୍ଭସ୍ରାବ ବା ପ୍ରସବାନ୍ତେ ସନ୍ତାନର ଅକାଳମୃତ୍ୟୁ ହେବ ନାହିଁ । ଅବର୍ଥ ଓ ପରୀକ୍ଷିତ । ମୂଲ୍ୟ ଟଙ୍କା ଟ ୨୧ ଟଙ୍କା ମାତ୍ର ।

ଶ୍ରୀ ହରନାରାୟଣ ବନ୍ଧୁଗୁପ୍ତ
ଦେବନାଥପୁର ପୋଷ୍ଟ ଶ୍ରୀ ଧାମ


Digitized by srujanika@gmail.com

Split by PDF Splitter



କବିରାଜ ନଗେନ୍ଦ୍ରନାଥ ସେନଙ୍କ ଔଷଧ ଲକ୍ଷ୍ମୀପତ୍ର ।

ଅମ୍ଭମାନଙ୍କର ଜଗଦ୍ବିଖ୍ୟାତ

**କେଶରଞ୍ଜନ ତୈଳ** କେଶପକ୍ଷରେ ବଳକାରକ ଓ ବୁଦ୍ଧିକାରକ ଔଷଧ । ଏହା କେଶ ପଦସ୍ଥାର ଉଣେ । ପ୍ରବଳ ଉଷ୍ଣମାଣରୋଗ୍ୟ ବୃଦ୍ଧି କରେ, ନରମ ଓ କୋମଳ ଉଣେ ଏବ ଚିକଣ ଓ ସଙ୍କେତ ପ୍ରଦାନ କରେ ଏବଂ ଏହାର ଉଚ ଗନ୍ଧ ପ୍ରିୟ ଓ କେଶର ଅକାଳପଡ଼ନ ଉଦ୍ଧାରଣ କରେ ଶୀଘ୍ର ଆଚ୍ଛନ୍ନ କରେ ମସ୍ତିଷ୍କ ଦୁର୍ବଳତା ଏବ ଶ୍ମୂରୋଗ ଇତ୍ୟାଦି ନଷ୍ଟ କରେ, ମାନସିକ ଅବସାଦ, ବୁଦ୍ଧିଶକ୍ତିର ହ୍ରାସ, ମସ୍ତିଷ୍କଘୂର୍ଣ୍ଣ ଇତ୍ୟାଦି ରୋଗ ଆରୋଗ୍ୟ କରେ । ମୂଲ୍ୟ ପ୍ରତି ଶିଶି ଟ ୧୯ ମାସୁଲ ଟ ୦ ।୵

## ନେଶବିନାଶ ।

ଅସ୍ମାକଙ୍କର କେତୁବଳ୍କୁ ବ୍ୟବହାର କଲେ ଅଫିମ୍ ସେବନ, ମାଂସବୃଦ୍ଧି, ଜ୍ୱର, ଅଫିମ୍ ଖାଇବା ସହଜ ହେବ, ବୁଦ୍ଧିଶକ୍ତିର ହ୍ରାସ, ଅଫିମ୍ ଖାଇ, ପାଣିବୁନ୍ଦା, ଅଫିମକୁ ବନ୍ଦ ଶକ୍ତିର ହ୍ରାସ, ଅଫିମ ଖାଇ ପାଣିବୁନ୍ଦା, ଅଫିମରେ ଅଫିମ ପଡ଼ାଇବା ଭାଗ ହେବାର, ଅଫିମ ପଡ଼ିବା, ଅଫିମରେ ନେବକା ଏବ ଘର ବୋଧ ଅଫିମ ପଢ଼ିବା ବାହାର ଅବା, ଅନେକର ଭୟ ବା ଅବହ୍ଲା, ଅନାରକଣା ଶକ୍ତିର ପାର୍ଥକ୍ୟ ନେଶା ନ ହେବା ଇତ୍ୟାଦି ଏବ ନୂତନ ଅଥବା ବହୁକାଳ ସ୍ଥାୟୀ ସକଳ ପ୍ରକାର ଅବସ୍ଥାର ଭିତର ରୋଗ ଆରୋଗ୍ୟ ହୁଏ । ଏଥିରେ କୌଣସି ପ୍ରକାର ଗନ୍ଧ ଉତ୍ତେଜକ ଅଥବା ମାଦକାରକ ପଦାର୍ଥ ନ ଥିବାର କେତେକ ବନ୍ଦ ହୋଇଅଛି । ଯେଉଁ ଲୋକମାନଙ୍କର ବୁଦ୍ଧିଶକ୍ତିର ହ୍ରାସ ଅଥବା ଦୁର୍ବଳ ହୋଇ ଯାଇଅଛି ସେମାନେ ଏହି ଔଷଧ ବ୍ୟବହାର କଲେ ଆଉ ସେମାନଙ୍କର ବ୍ୟବହାରର ପ୍ରୟୋଜନ ହେବ ନାହିଁ । ମୂଲ୍ୟ ପ୍ରତି ଶିଶି ଟ ୧୯ ମାସୁଲ ଟ ୦ ।୵

## ଜର୍ଣ୍ଣଗ୍ରହଣୀ ବମ୍ପା ଔଷଧର ମହୌଷଧ ।

ଏହା ଔଦରତା, ଅଜୀର୍ଣ୍ଣ, ଅମ୍ଳଶୂଳ, ଅଜୀର୍ଣ୍ଣତା, ପେଟକଷା ଏବ ପେଟଫଣାର ମହୌଷଧ । ଅପିମ ନିହିତ ଅଛି ଏହାର ବ୍ୟବହାରରେ ମୂର୍ଚ୍ଛା, ନିଦ୍ରା ବଳଶୂନ୍ୟତା ଓ ଉଦାସୀନତା ହୁଏ ନାହିଁ । ମୁହୂର୍ତ୍ତମଧ୍ୟରେ ବ୍ୟବହାର ସମ୍ପୂର୍ଣ୍ଣ ଓ ଶାନ୍ତି ଲାଭ ହୁଏ ।

ଭରସାସ୍ତ ପ୍ରାଚ୍ୟ ପକ୍ଷେ ହୋମିଓପେଥିକ ବା ଆଲୋପ୍ୟାଥିକ ଔଷଧ ଅପେକ୍ଷା ଏହା ଅଧିକ ଉପକାରୀ ।

| | |
|---|---|
| ମୂଲ୍ୟ ପ୍ରତିଶିଶି | ଟ ୦ ୧ |
| ପ୍ୟାକିଂ ଓ ଡାକମାସୁଲ | ଟ ୦ ।୵ |

## ଅର୍ଶରୋଗର ଚିକିତ୍ସା ବା ଅର୍ଶରୋଗର ମହୌଷଧ ।

ଆମ୍ଭମାନଙ୍କର ଅର୍ଶରୋଗ ନଷ୍ଟକାରୀ ଗୋଟିଏ ପରୀକ୍ଷିତ ମହୋପକାରୀ ଔଷଧ । ଏହା ବାହ୍ୟ ବା ଆଭ୍ୟନ୍ତରିକ ଅର୍ଶ ଆରୋଗ୍ୟ କରେ । ଏଥିରେ ଏକ ରକ୍ତସ୍ରାବ ବା ରକ୍ତଶୂନ୍ୟତା ଆରୋଗ୍ୟ କରେ । ଏଥିରେ ଅର୍ଶପୀଡ଼ାମାନଙ୍କର ଅନେକଙ୍କର ଗୁଣ ଥିବାରୁ ଏହା ରୋଗୀମାନଙ୍କ ଉପରେ କାର୍ଯ୍ୟ କରିବା ଯାଏ ଶୀଘ୍ର ଚାଲିଯାଏ ବଳେ ଏପ୍ରେଣ୍ଟ ଅବସ୍ଥାରେ ଅନ୍ୟ କୌଣସି ଔଷଧ ପ୍ରୟୋଗ କରିବା ଆଦୌ ଆବଶ୍ୟକ ଏହି ଔଷଧ ଓ ଉପଯୋଗ ଉପରେ ପ୍ରୟୋଗ ହୁଏ ନାହିଁ ।

| | |
|---|---|
| ମୂଲ୍ୟ ପ୍ରତିବାକ୍ସ ବ ୩୦ ଗୋଲି | ଟ ୧ |
| ପ୍ୟାକିଂ ଓ ଡାକମାସୁଲ | ଟ ୦ ।୵ |

ରୋଗର ସଂକ୍ଷିପ୍ତ ବିବରଣ ଓ ଅବସ୍ଥା ଲେଖିଲେ ବିନାମୂଲ୍ୟରେ ଔଷଧ ପଠାଯାଉଅଛି ଉତ୍ତର ପାଇଁ ଟିକେଟ ପଠାଇବେ, ତାଙ୍କ ଛାପା ବହିରେ ନଗେନ୍ଦ୍ରନାଥ ସେନ ୧୯-୧ ଓ ୧୯ ଲୋୟର ଚିତ୍ପୁର ରୋଡ କଲିକତା ।

Kaviraj N. N. Sen
Govt. Medical Deploma Holder,
19-1 & 19 Lower Chitpur Road
Calcutta

## ଅଫିମ ତ୍ୟାଗର ମହୌଷଧ ।

# ମଦ ଭଞ୍ଜନ ଗୁଟିକା ।

ଏହି ଗୁଟିକା ପରୀକ୍ଷିତ ମହୌଷଧ ସେବନ ମାତ୍ରକେ ଅତି ଅଳ୍ପ କାଳରେ ଅଫିମ ଖାଇବା ଅଭ୍ୟାସ ଏବ ଶୀଘ୍ର ଅଫିମର ଅଭ୍ୟାସ ଦୂର ହୋଇ ଦେହ ଓ ମନର ସ୍ୱାସ୍ଥ୍ୟର ବୃଦ୍ଧି ହୁଏ । ଏକାବାଦ ଶତଶତ ଲୋକ ଅଫିମ ଛାଡ଼ିଅଛନ୍ତି ପ୍ରତ୍ୟହ ଟ ୦ ।୵ ତୋଳା ପର୍ଯ୍ୟନ୍ତ ଅଫିମ ସେବନକାରୀର ଔଷଧର ମୂଲ୍ୟ ସପ୍ତାହକୁ ଟ ୩ ଟଙ୍କା ଉର୍ଦ୍ଧ୍ୱ ପ୍ରତି ଟ ୦ ।୵ ତୋଳା ପର୍ଯ୍ୟନ୍ତ ମାତ୍ରା ବୃଦ୍ଧିରେ ସପ୍ତାହକୁ ୫୦ ଟଙ୍କା ମୂଲ୍ୟ ବୃଦ୍ଧି ହୁଏ । ଗ୍ରାହକମାନଙ୍କର ପ୍ରତ୍ୟହର ସେବନୀୟ ଅଫିମର ମାତ୍ରା ଜଣାଇବାର ଆବଶ୍ୟକ ।

ଡାକ୍ତର ଶ୍ରୀ ଉପେନ୍ଦ୍ରନାଥ ଗୁପ୍ତ, ୭୮ ନମ୍ବର
ଆମହଷ୍ଟ ଷ୍ଟ୍ରିଟ କଲିକତା ।

---

## ୧୮୭୯ ଠାରୁ ୧୯୦୭ ପର୍ଯ୍ୟନ୍ତ

ସ୍ୱର୍ଗଦ୍ୱାରର ପରୀକ୍ଷାରେ ଉତ୍ତୀର୍ଣ୍ଣ ।

## SCOTT'S EMULSION.

( ସ୍କଟ୍ସ ଇମାଲସନ୍ ) ସ୍ୱଦେଶ ଡାକ୍ତରମାନଙ୍କ ପ୍ରତ୍ୟେକ କଠିନ ପରୀକ୍ଷାର ସଫଳତାରେ ଜୟ ଲାଭ କରିଅଛି ଏହି ପରୀକ୍ଷାର ଫଳସ୍ୱରୂପ ଅଦ୍ୟ ସମସ୍ତ ପୃଥିବୀରେ ଏହା ସୁପ୍ରସିଦ୍ଧ । ସଂକ୍ରାନ୍ତ ରୋଗ

କାଶ,

ସର୍ଦ୍ଦି,

ମାଂସପେଶୀର କ୍ଷୟ

ଓ ଅସ୍ଥି ମାଳ୍ୟର ସୁପରିଚିତ ମହୌଷଧ ଏବ ଚିରା ପୁଷ୍ଟିକର ଓ ପୁଷ୍ଟିକାରକ ବୋ-ଧରୂପେ ବ୍ୟବହୃତ ହେଉଅଛି ।

ଏହା ଗୋଟିଏ ଅଦ୍ଭୁତ ଔଷଧ । ଅଳ୍ପକାଳ ମଧ୍ୟରେ ଏହାର ଉପକାରିତା ଅନୁଭୂତ ହୁଏ



Always get the Fish
Emulsion with this mark—the
Fisherman—the mark of
the "Scott" process.

ଏହା ବସ୍ତୁଦ୍ୱାରା ସ୍ପର୍ଶ କରାହୋଇ ନାହିଁ ।

ସମସ୍ତ ଔଷଧବିକ୍ରେତାଙ୍କ ନିକଟରେ ଏହା କ୍ରୟ କରିବାକୁ ମିଳେ ।

ସ୍କଟ୍ ଏଣ୍ଡ୍ ବାଉନ୍ ଲିମିଟେଡ୍

ମେନୁଫେକ୍ଚରିଂ କେମିଷ୍ଟସ୍ କଣ୍ଟଦ, ଲଣ୍ଡନ

# ସୁଧାକର ଚୂର୍ଣ୍ଣ ।

ଏହା ସେବନରେ ପେଟ ଉତ୍ତମ ହେବା, ପ୍ରସ୍ରାବର ଦୁର୍ଗନ୍ଧ ଜ୍ୱାଳା, ମଳ-ମୂତ୍ର-କାଳୀନ ଜ୍ୱାଳା, ଅସ୍ତ ବୃଦ୍ଧି—ଇତ୍ୟାଦି ସ୍ନାୟୁମାନଙ୍କର ବାଧା ଓ ଦୁର୍ବଳ ସ୍ନାୟୁ, ସ୍ତ୍ରୀ ଓ ପୁରୁଷମାନଙ୍କ ସମସ୍ତ ପ୍ରକାର ବା, ; ପ୍ରମେହ ( ଧାତୁର ପୀଡ଼ା ) ଏକେ ଶୀଘ୍ର ଆରୋଗ୍ୟ ହୁଏ ଯେ ଅନେକ ରୋଗୀ ଚମତ୍କୃତ ଓ ଆଶ୍ଚର୍ଯ୍ୟ ହୋଇଅଛନ୍ତି । ଅଧିକ ଲେଖିବା ପେଟ ଚିତ୍ରର ଆବଶ୍ୟକ ହେବ ନାହିଁ । ଏହା ମାତ୍ର ସ୍ୱଦେଶୀୟ ଗାଛଗଛାଳିରେ ପ୍ରସ୍ତୁତ ଏବ ବହୁବାର ପରୀକ୍ଷିତ ତତ୍ତ୍ୱ ଜାଣିବ ଏହାର ଅବ୍ୟର୍ଥ ଗୁଣରେ ଅପଣଙ୍କୁ ମୁଗ୍ଧ ହେବାକୁ ହେବ ॥ ଭିଃ ପିଃ ମାସୁଲ ସହ ଟ ୦ । ଏକ ପ୍ୟାକେଟର ମୂଲ୍ୟ ୫/୦

## କାମକଳ୍ପଲତା ରସାୟନ ।

ଏହା ସେବନରେ ଅନେକ ରକ୍ତ ସଞ୍ଚାର, ସ୍ନାୟବିକ ମେହ ଶାନ୍ତି, ଶୁକ୍ରର ଗାଢ଼ତା ଓ ଧାରଣା ଶକ୍ତି ବୃଦ୍ଧି ହୁଏ ଦୃଢ଼ ଶୁକ୍ରର ଗମ୍ଭୀର ମୂଳ ( ମୋଟା ) ଓ କଠିନ ହୁଏ ସାଧାରଣ ଭାବରେ ସେବନ କଲେ ଅଲୌକିକ ଶକ୍ତି ଓ ଉତ୍ସାହ ଭାବରେ ବୃଦ୍ଧି ଶୁଣ ଅନୁଭବ କରିବ କିଶୋର ଔଷଧଟି ଏବ ଜରାରୁ ଖାଇ ମୂଲ୍ୟ ଭିଃ ପିଃ ମାସୁଲ ସମେତ ଟ ୬ । ଏଥିରେ ଲାଭ ଏହା ଅପେକ୍ଷା ନାହିଁ ।

ଶ୍ରୀ ଦ୍ୱାରକାପ୍ରସାଦ କବିରାଜ
ଦଶାଶ୍ୱମେଧ ଘାଟ କାଶୀଧାମ

---

ଦାମଲାଗୁଥିବାରେ ପୁରସ୍କାର ବିତରଣ ।

ଏହିପରି ସୁଯୋଗ ଆଉ ନା ।

ଅନ୍ୟାନ୍ୟ ଉପହାରମାନଙ୍କ ସଙ୍ଗରେ, ଘଡ଼ି ବି ଦେଉଅଛୁ



ସମସ୍ତ ରଙ୍ଗ ଗୋଲ୍ଡ ରୋଲଡ୍ ବେଲ ଗୋଲ୍ଡ ଏଣ୍ଡ୍ ପ୍ଲେଟେଡ୍ ଘଡ଼ି ୧୪ କ୍ୟାରେଟ ଓ ଲିଭର ଗୋ ୧୪ ଟ ବ୍ୟବହାରସ୍ଥ ଓ ମନୋହର ଉପହାର କେବଳ ମାତ୍ର ଟ ୩ ମୂଲ୍ୟରେ ପାଇବେ । ପ୍ୟାକିଂ ଓ ଡାକମାସୁଲ ଏବ ଭିଃ ପିଃ ମାସୁଲ ଟ ୦ ୧ ଲାଗିବ । ଏହି ସଙ୍ଗେ ଘଡ଼ି ଓ ଟଙ୍କା କିଛି ହେବାର ସହଜ ନାହିଁ । ୨ ୬ ଟି ମୂଲ୍ୟରେ କେବେହେଁ କ୍ରୟ ହୋଇ ନାହିଁ । ୨ ୭ ଟି ପର୍ଯ୍ୟନ୍ତ ଗ୍ରେରେଣ୍ଟି ଅଛି । ଏହା ଉପରେ ଆଉ କୌଣସି ଶତ ଟିକେ ଗୋଟିଏ ଭାବରେ ଓ ସଙ୍ଗରେ ପଠିବ ଯୋଗକାର ଲାଭ କଲା ହୋଇଅଛି । ଏତେ ପ୍ରକାର ଭାବର ଉପରେ ଅପ୍ର କଥା ଏବ ଅନ୍ୟ ଘଡ଼ି ଅଛି, ସେଥିପାଇଁ ଏହା ସମସ୍ତ ରଙ୍ଗ । ଏହି ଘଡ଼ିର ପ୍ରତ୍ୟେକ କ୍ରେତା ନିମ୍ନଲିଖିତ ଉପହାରମାନ ବିନାମୂଲ୍ୟରେ ପାଇ ପାରିବେ ।

(୧) ଗୋଟିଏ ସୁନାର ଚେନ (୨) ଗୋଟିଏ ନକଲି ହୀରା ବସା ଗୋଟିଏ ମୁଦି ଗୋଟିଏ ସୁନାର ଅଲଙ୍କାର (୩) ଗୋଟିଏ ରୁମାଲ (୪) ଏକ ଶିଶି ଏସେନ୍ସ (୫) ଗୋଟିଏ ଚାକୁ (୬) ଗୋଟିଏ ଦର୍ପଣ (୭) ଗୋଟିଏ ପାନଡ଼ବା (୮) ଗୋଟିଏ ଟିଣ ସୋଲ ବାଉଁଶ (୯) ଗୋଟିଏ ସେନଟିଲ ଷ୍ଟିକ (୧୦) ଏକଜୋଡ଼ା ବୁଟ (୧୧) ଏକ ପେନସିଲ ସେଲ୍ଡ଼ର (୧୨) ଏକଜୋଡ଼ା ସୁନାର ବୋତାମ (୧୩) ଗୋଟିଏ ଟଙ୍କା ରଖିବାର ପକେଟବହି (୧୪) ଗୋଟିଏ ଇଲେକ୍ଟ୍ରିକ ଘଡ଼ି

ପତ୍ର ଲେଖିଲେ ଭିଃ ପିଃ ରେ ପଠାଯିବ ଗ୍ରାହକମାନେ ସେମାନଙ୍କର ନାମ ଓ ଧାମ ସ୍ପଷ୍ଟରୂପେ ଲେଖି ପତ୍ର ପ୍ରେରଣ କରିବେ ।

Apply to
S. Paul & Co.
21 W. D. Kupaleetollah
Bowbazar CALCUTTA

ଏହି ଉତ୍କଳଦୀପିକା କଟକ ... ପ୍ରିଣ୍ଟିଂ କମ୍ପାନି ଲିମିଟେଡଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com